## ସଂକ୍ଷେପରେ

### ମନସ୍ୱିନୀ ପୁଣି ପ୍ରୋ-କବାଡ଼ି ଅଫିସିଆଲ



ରସୁଲପୁର, ୮।୧୦ (ଡି.ଏନ୍.ଏ.): ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଜଣାଶୁଣା କ୍ରୀଡ଼ାବିତ୍ ତଥା ପୂର୍ବତନ କବାଡ଼ି ଖେଳାଳି ମନସ୍ୱିନୀ ସାହୁଙ୍କୁ ପୁଣି ସୁଯୋଗ ମିଳିଛି। ଶୁକ୍ରବାରଠାରୁ ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଥିବା ପ୍ରୋ-କବାଡ଼ିର ୯ମ ସଂସ୍କରଣରେ ମ୍ୟାଚ୍ ପରିଚାଳନା ପାଇଁ ମନସ୍ୱିନୀଙ୍କୁ ଦ୍ୱିତୀୟଥର ଲାଗି ଅଫିସିଆଲ ଭାବେ ଚୟନ କରାଯାଇଛି। ସେ ୨୦୧୯-୨୦ରେ ଆୟୋଜିତ ୮ମ ସଂସ୍କରଣ ପ୍ରୋ-କବାଡ଼ି ଲିଗ୍ ପରିଚାଳନା ପାଇଁ ପ୍ରଥମେ ମନୋନୀତ ହୋଇଥିଲେ। ତାଙ୍କର ଏହି ସଫଳତା ଲାଗି ଲିଙ୍କନ ଫାର୍ମାସ୍ୟୁଟିକାଲ୍ସର ଜୋନାଲ ମ୍ୟାନେଜର ଅଭୟ କୁମାର ମହାନ୍ତି, କବାଡ଼ି ଖେଳର ପୃଷ୍ଠପୋଷକ ଶ୍ରାବଣୀ ମହାନ୍ତିଙ୍କ ବିଶେଷ ଅବଦାନ ରହିଛି ବୋଲି ମନସ୍ୱିନୀ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ସେ ସେପ୍ଟେମ୍ବରରେ ଆୟୋଜିତ ଜାତୀୟସ୍ତରର କବାଡ଼ି ଚାମ୍ପିୟନଶିପ୍‌ରେ ଅଫିସିଆଲ ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ।

### କୋଟପୁର ଫାଣ୍ଡି, ଜାରକା ପୋଲିସ ବିଟ୍ ହାଉସରେ ନୂତନ ଅଧିକାରୀ

ଧର୍ମଶାଳା,୮।୧୦(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ଜାରକା ପୋଲିସ ବିଟ ହାଉସର ନୂତନ ଅଧିକାରୀ ଭାବେ ଏସ୍ଆଇ ପ୍ରଶାନ୍ତ ତ୍ରିପାଠୀ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ବିଟ୍ ହାଉସରେ ୬ମାସ ହେଲା ଏସଆଇ ବିଦ୍ୟୁତ୍ କୁମାର ଦେଉରୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ତେବେ ଦଶହରା ପରେ ଯାଜପୁର ଏସ୍‌ପି ରାହୁଲ ପିଆର ବିଭିନ୍ନ ଥାନାରେ ଥିବା କେତେକ ଅଧିକାରୀଙ୍କୁ ଜିଲାସ୍ତରରେ ବଦଳି କରିଛନ୍ତି। ଏହି ବଦଳିରେ ଜାରକା ପୋଲିସ ବିଟ ହାଉସରୁ ଦେଉରୀଙ୍କୁ ଯାଜପୁର ଟାଉନ ଥାନାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନାରେ ବରୀ-ରାମଚନ୍ଦ୍ରପୁର ଥାନାର ଏସଆଇ ତ୍ରିପାଠୀଙ୍କୁ ଅବସ୍ଥାପିତ କରାଯାଇଛି। ତ୍ରିପାଠୀ ଯୋଗ ଦେବା ପରେ ତାଙ୍କୁ ଜାରକସ୍ଥିତ ଧର୍ମଶାଳା ମହୋତ୍ସବ ପୂଜା କମିଟି ଓ ଜାରକା ବଜାର ବଣିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସେହିପରି ଧର୍ମଶାଳା ଥାନା ଏସ୍ଆଇ ଥିବା ପ୍ରେମାନନ୍ଦ ପୃଷ୍ଟିଙ୍କୁ କୋଟପୁର ଫାଣ୍ଡି ଅଧିକାରୀ ଭାବେ ବଦଳି କରାଯାଇଛି। ପୃଷ୍ଟି ଶୁକ୍ରବାର କୋଟପୁର ଫାଣ୍ଡିରେ ଯୋଗ ଦେଇଛନ୍ତି। ତାଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

# ଜରିପାଲ ଭରସାରେ ଗରିବ ପରିବାର

ଯାଜପୁର ଅଫିସ/କାଏମା (ଡି.ଏନ.ଏ.), ୮।୧୦



ନୂଆସାହି ଗ୍ରାମର ନୟନା ପଣ୍ଡା।



ନୌବାଙ୍କ ଗ୍ରାମର ଉର୍ବଶୀ ମଲ୍ଲିକ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ଗ୍ରାମପଞ୍ଚାୟତ କଣ୍ଡାବଣିଆ ଗ୍ରାମର ଅସହାୟ ପରିବାର ମିନତି ମଲ୍ଲିକଙ୍କୁ ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି। ଧରିତ୍ରୀରେ ୨୫।୯।୨୦୨୨ରେ 'ଅବହେଳାର ଶିକାର ୨ ଅସହାୟ ପରିବାର' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲା ଶିଶୁ ସୁରକ୍ଷା ବିଭାଗର କ୍ଷେତ୍ର କର୍ମଚାରୀ ରବୀନ୍ଦ୍ରନାଥ ସେଠୀ ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପିଲାମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନାକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ କୋରେଇ ବ୍ଲକ ହଳଦିଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମନ୍ଦା ଗ୍ରାମର ଝୁମୁରୀ ଦେଇ ଓ ତାଙ୍କ ୩ ଝିଅଙ୍କ କ୍ଷେତ୍ରରେ ପ୍ରଶାସନ ଆଖି ବୁଜିଦେଇଛି। କୋରେଇ ସିଏଚ୍‌ସି ନିକଟ ରାଧାରମଣ ହାଇସ୍କୁଲ ବାରଣ୍ଡାରେ କୁକୁରଙ୍କ ସହ ଆଶ୍ରିତ ଏହି ପରିବାରବର୍ଗଙ୍କ ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକର ଜରି ପଞ୍ଚାୟତର ୭/୮ ପରିବାରଙ୍କୁ ଜରିପାଲ ପ୍ରଦାନ କରି ବିଭାଗୀୟ ଅଧିକାରୀ ନୀରବି ଯାଇଛନ୍ତି। ଏଭଳି ଜିଲାରେ ଶତାଧିକ ପରିବାର ବାସହରା ହୋଇ ଦୁର୍ବିଷହ ଜୀବନଯାପନ କରୁଥିଲେ ବି ପ୍ରଶାସନର ତତ୍ପରତା ମନ୍ଥର ରହିଛି ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ୨୦୧୯ ଜୁଲାଇରେ ଜିଲାର ଗ୍ରାମ ପଞ୍ଚାୟତଗୁଡ଼ିକରେ ଗ୍ରାମୀଣ ଆବାସ ଯୋଜନାର ଅଗ୍ରାଧିକାର ତାଲିକାର ପୁନଃ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଜୁଲାଇ ୧୫ ସୁଦ୍ଧା ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ କରାଯିବ ବୋଲି ଯେଉଁ ନିଷ୍ପତ୍ତି ନିଆଯାଇଥିଲା,

> ■ ଆବାସ ଯୋଜନାରେ ୨୦୧୯ ନିଷ୍ପତ୍ତି ପାଣିର ଗାର
>
> ■ ଅଗ୍ରାଧିକାର ତାଲିକାର ପୁନଃ ତଦନ୍ତ ହେଲାନି
>
> ■ ଫାଇଦା ନେଇଛନ୍ତି ଥିଲାବାଲା ପରିବାର

ତାହା ଏବେ ବି ଫାଇଲ ତଳେ ରହିଛି। ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମୀଣ ଆବାସ ଯୋଜନାର ସଫଳ ରୂପାୟନ ଓ ତ୍ୱରାନ୍ୱିତ ପାଇଁ ୨୦୧୯ ଜୁଲାଇ ୧୨ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ୱାଲ୍ ପେଣ୍ଟିଂ ମାଧ୍ୟମରେ ତାଲିକା ପ୍ରଦର୍ଶିତ କରିବାକୁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ ଏହି ଯୋଜନାରେ ହିତାଧିକାରୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇବାରେ ଅବହେଳା କରୁଥିବା ସରକାରୀ କର୍ମଚାରୀ ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଫୌଜଦାରି ମାମଲା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତତ୍କାଳୀନ ଜିଲାପାଳ ରଞ୍ଜନକୁମାର ଦାସ ସତର୍କ କରିଥିଲେ। ସରକାରଙ୍କ ନିୟମାବଳୀ ଆଧାରରେ ସମସ୍ତ ପଞ୍ଚାୟତସ୍ତରୀୟ କାର୍ଯ୍ୟାଦେଶ ବଣ୍ଟନ ସଭାରେ ଏମପି, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯିବା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଜିଓ ଟ୍ୟାଗିଂ କାର୍ଯ୍ୟ ସେହି ବର୍ଷ ଅଗଷ୍ଟ ୧୫ସୁଦ୍ଧା ଶେଷକରି ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା। ଗ୍ରାମୀଣ ଆବାସ ଯୋଜନାର ସଫଳତା ପାଇଁ ହିତାଧିକାରୀମାନଙ୍କ ଅଭିଯୋଗଗୁଡ଼ିକର ଶୁଣାଣି ଓ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ତଦନୁଯାୟୀ ବିଡିଓମାନଙ୍କୁ ଦିଆଯାଇଥିବା ସିୟୁଜେ ନମ୍ବର ସର୍ବସାଧାରଣଙ୍କ ଅବଗତି ପାଇଁ ୱାଲପେଣ୍ଟିଂ କରିବା, ବ୍ଲକ ସ୍ତରୀୟ ନିୟନ୍ତ୍ରଣ କକ୍ଷ ଖୋଲି ଅଭିଜ୍ଞତା ସମ୍ପନ୍ନ କର୍ମଚାରୀଙ୍କୁ ନିୟୋଜିତ କରିବା, ଅଭିଯୋଗଗୁଡ଼ିକୁ ନିର୍ଦ୍ଧାରିତ ରେଜିଷ୍ଟରରେ ଲିପିବଦ୍ଧ କରିବା, ଜିଲାକୁ ସାପ୍ତାହିକ ଭାବେ ରିପୋର୍ଟ ଦେବା, ପ୍ରତ୍ୟେକ ଶନିବାର ବିଡିଓମାନେ ବ୍ଲକରେ ଗ୍ରାମୀଣ ଆବାସ ଯୋଜନାର ବୈଠକ କରି ଅଗ୍ରଗତି ଓ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ଓ ଯେଉଁ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା ବା ହିତାଧିକାରୀଙ୍କୁ ହଇରାଣ କରୁଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହିସବୁ ଯାଜପୁର ଜିଲାରେ ମୂଲ୍ୟହୀନ ହୋଇଛି। ଏବେବି ଧର୍ମଶାଳା ବ୍ଲକ ଅଧୀନ ବଡ଼ କଏମା ପଞ୍ଚାୟତର ନୂଆସାହି ଗ୍ରାମର ନୟନା ପଣ୍ଡା, ବିଞ୍ଝାରପୁର ବ୍ଲକ ନାଉବାଙ୍କ ଗ୍ରାମର ଉର୍ବଶୀ ମଲ୍ଲିକ ଭଳି ଶତାଧିକ ପରିବାର ଆବାସ ଯୋଜନାର ବଞ୍ଚିତ ରହିଥିବାବେଳେ କେତେଜଣ ଧନୀ ଶ୍ରେଣୀର ଲୋକ ଯୋଜନାରୁ ସାମିଲ ହୋଇଥିବା ଅଭିଯୋଗ ହେଉଛି।

# ଦରବୃଦ୍ଧି: ଖାଉଟି ମୁଣ୍ଡରେ ଚଡ଼କ



ଯାଜପୁର ଅଫିସ,୮।୧୦

ଚାଉଳ, ଡାଲିଠାରୁ ଆରମ୍ଭ କରି ପନିପରିବା ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦର ଖାଉଟି ମୁଣ୍ଡରେ ଚଡ଼କ ପକାଉଛି। ପରିବାରର ଜୀବନ ଧାରଣ କଷ୍ଟସାଧ ହୋଇପଡ଼ିଛି। ବ୍ୟବସାୟୀ ମନଇଚ୍ଛା ଦରବୃଦ୍ଧି କରୁଥିଲାବେଳେ ତାହାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ବର୍ତ୍ତମାନ ପ୍ରାୟତଃ ପୋଟଳ କିଲୋ ପିଛା ୬୦ଟଙ୍କା, ବାଇଗଣ ୪୦, ଟମାଟୋ ୫୦, ଜହ୍ନି ୫୦, ବନ୍ଧା କୋବି ୬୦, ଭେଣ୍ଡି ୪୦, ବିନ୍ ୧୨୦, ଝୁଡ଼ଙ୍ଗ ୪୦, ଫୁଲ କୋବି ଗୋଟା ୭୦ ଟଙ୍କା ରହୁଛି। ଅନ୍ୟପକ୍ଷରେ ଅନେକ ଖାଦ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ ସହିତ ରନ୍ଧନ ଗ୍ୟାସ ଦର ବୃଦ୍ଧି ଗ୍ରାହକଙ୍କୁ ଅତିଷ୍ଠ କରିଛି। ଏଭଳି ସ୍ଥିତିରେ ଫାଇଦା ନେଇ ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ଉତ୍ପାଦର ଦର ବୃଦ୍ଧି କରୁଛନ୍ତି ବୋଲି ସୋସିଆଲ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆଧାରରେ ଯାଜପୁର ଜିଲାପାଳଙ୍କ

### ତଦନ୍ତ ନିର୍ଦ୍ଦେଶ ଦେଲେ ଯୋଗାଣ ଅଧିକାରୀ

କାର୍ଯ୍ୟାଳୟରୁ ଯୋଗାଣ ଅଧିକାରୀ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଯୋଗାଣ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗରିବ ଲୋକ ସେମାନଙ୍କ ଆୟର ଅଧାରୁ ଅଧିକ ଖାଦ୍ୟ ପାଇଁ ଖର୍ଚ୍ଚ କରନ୍ତି। କିନ୍ତୁ ମୂଲ୍ୟବୃଦ୍ଧି କାରଣରୁ ସେମାନେ ଖାଦ୍ୟର ପରିମାଣ କିମ୍ବା ଗୁଣବତ୍ତା କମ କରିବାକୁ ବାଧ ହେଉଛନ୍ତି। କିଛିମାସ ତଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳମୂଲ୍ୟ ବୃଦ୍ଧି ଯୋଗୁ ସରକାର ପେଟ୍ରୋଲ, ଡିଜେଲ ଆଦି ପେଟ୍ରୋଲିୟମ ଜାତ ସାମଗ୍ରୀର ମୂଲ୍ୟବୃଦ୍ଧି କଲେ, ଫଳରେ ସମସ୍ତ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟିଲା। ପରିସ୍ଥିତିରେ ସୁଧାର ଆସିଲେ ଉପଭୋକ୍ତାଙ୍କ ମୁଣ୍ଡରୁ ଏହି ବୋଝ ହ୍ରାସ କରାଯିବ ବୋଲି ସରକାର ସୂଚନା ଦେଇଥିଲେ। ମାତ୍ର ସରକାରଙ୍କ ଏହି କଥା କେବଳ ସୂଚନାରେ ହିଁ ରହିଯିବ ବୋଲି ଆଶା କରାଯାଉଛି। କାରଣ ପେଟ୍ରୋଲ ଏବଂ ଡିଜେଲ ଦର ହ୍ରାସ ହେବାର ନାମ ଧରୁନାହିଁ। ଏହାର ପ୍ରଭାବ ବହୁମାତ୍ରାରେ ଦେଶର ଅର୍ଥନୀତି ଉପରେ ପଡୁଛି। ଦରଦାମ ବୃଦ୍ଧି ରୋକିବା ପାଇଁ ଯେଉଁ କ୍ଷେତ୍ରରେ ସରକାରଙ୍କର କର୍ତ୍ତୃତ୍ୱ ରହିଛି ସେ ଦିଗରେ ଦୃଷ୍ଟି ଦେବା ନିହାତି ଜରୁରୀ । ସାମାନ୍ୟ ଅବହେଳା ତଥା କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ସାଧାରଣ ଖାଉଟିଙ୍କୁ ସର୍ବସ୍ୱାନ୍ତ କରିବାରେ ଲାଗିଛି। ଅଟା, ଖାଇବା ତେଲ, ଡାଲି, ପାଉଡର କ୍ଷୀର, ଟେଲିକମ୍ ଯୋଗାଯୋଗ ସାମଗ୍ରୀ ଆଦିରେ ଜିଏସ୍‌ଟି ଲାଗୁ ସ୍ୱଳ୍ପ ଆୟ ବର୍ଗର ଲୋକଙ୍କୁ ଆହୁରି ଅଭାବଗ୍ରସ୍ତ କରୁଛି। ଏଭଳି ସ୍ଥିତିରେ କଳାବଜାରକାରୀ ଖାଉଟିଙ୍କୁ ଲୁଟିବାକୁ ତତ୍ପର ହୋଇ ପଡ଼ିଛନ୍ତି। ସେମାନେ ଗୋଦାମ ଗୃହଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖି ଜରୁରୀ ସମୟରେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେଣୁ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ କଳାବଜାର କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସୋସିଆଲିଷ୍ଟ ୟୁନିଟ୍‌ର ସୁରେନ୍ଦ୍ର ମଲ୍ଲିକ, ବିଶ୍ୱବାସ ଦାସ ପ୍ରମୁଖ ଦାବି କରିଛନ୍ତି।

### ତ୍ରିଜଙ୍ଗା ବିସ୍ଥାପିତ କଲୋନୀ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

କଳିଙ୍ଗନଗର,୮।୧୦(ଡି.ଏନ.ଏ.)

କଳିଙ୍ଗନଗରର ବିଭିନ୍ନ କାରଖାନା ପାଇଁ ବିସ୍ଥାପିତ ହୋଇଥିବା ଲୋକଙ୍କୁ ତ୍ରିଜଙ୍ଗା କଲୋନୀରେ ଥଇଥାନ କରାଯାଇଥିଲା। କିନ୍ତୁ ସେମାନଙ୍କ ସମସ୍ୟା ସମସ୍ୟା କରାଯାଉନାହିଁ। ଫଳରେ ସେମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ବିସ୍ଥାପିତ ପରିବାର ଏବଂ ତ୍ରିଜଙ୍ଗା ପଞ୍ଚାୟତର ନେତୃବୃନ୍ଦଙ୍କ ଏକ ବୈଠକ ଶନିବାର ଆଜାଦ ହିନ୍ଦ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କଲୋନୀ ରାସ୍ତା, ଡ୍ରେନ ଓ ପିଇବା ପାଣି ସମସ୍ୟା ନେଇ କଲୋନୀ ଲୋକେ ପ୍ରଶାସନକୁ ଜଣାଉଥିଲେ ମଧ ପ୍ରଶାସନ ସେମାନଙ୍କ କଥା ଶୁଣୁନାହିଁ। ଫଳରେ କଲୋନୀ ଲୋକେ ସମସ୍ୟାରେ ପଡୁଛନ୍ତି। ବିଡିଓଙ୍କ କହିବା କଥା ହେଲା ଉକ୍ତ କଲୋନୀଟି ଇଡକୋ ଅଧୀନରେ ରହିଛି। ତେଣୁ ସେଠାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଟଙ୍କା ଦେଇ ହେଉନାହିଁ। ଇଡ୍‌କୋ ଅଧିକାରୀଙ୍କୁ ଯୋଗାଯୋଗ କରା ଯାଇଥିଲେ ମଧ ସେ ଏହାକୁ ଗୁରୁତ୍ୱ ନ ଦେଇ ଭଣ୍ଡେଇ ଚାଲିଛନ୍ତି। ଡ୍ରେନ ଭାଙ୍ଗି ଯିବାରୁ ବର୍ଜ୍ୟ ଜଳ ନିଷ୍କାସନ ନ ହୋଇ ରାସ୍ତା ଉପରେ ଜମାହେଉଛି। ମଶା ବଂଶ ବିସ୍ତାର କରିବାରେ ଲାଗିଛି ବୋଲି ବୈଠକରେ କୁହାଯାଇଛି। ତେଣୁ ତୁରନ୍ତ ପ୍ରଶାସନ ଇଡକୋ ଅଧିକାରୀଙ୍କ ସହ ଆଲୋଚନ କରି ସମସ୍ୟା ସମାଧାନ ନ କଲେ ବାଧ ହୋଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ବୈଠକରେ ଶତାଧିକ ବିସ୍ଥାପିତ ପରିବାର ଲୋକେ ଓ ତ୍ରିଜଙ୍ଗା ପଞ୍ଚାୟତର ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ।

# ଚାଳଘର ସାହିତ୍ୟ ସଂସଦର ଶାରଦୀୟ କବିତା ଆସର



ଶାରଦୀୟ କବିତା ଆସର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରୀ, ୮।୧୦(ଡି.ଏନ୍.ଏ.)

ବରୀ ବ୍ଲକ୍ ଅଧୀନ ଭଳିନୂଆଗାଁ ନବଭାରତୀ ବିଦ୍ୟାପୀଠ ପରିସରରେ ଚାଳଘର ସାହିତ୍ୟ ସଂସଦର ଶାରଦୀୟ କବିତା ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। କବିତା ଆସରକୁ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶକୁନ୍ତଳା ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି କବି ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଗିରିଶ୍ ବିହାରୀ ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିରଜା ପ୍ରସାଦ ପରିଡ଼ା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରତାପ ଦାସ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଅନ୍ୟତମ ସଦସ୍ୟ ପ୍ରମୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାରସ୍ୱତ ମନସ୍କ ଜଗନ୍ନାଥ ବାରିକ, ବେତାର ନାଟ୍ୟକାର ଅଭିରାମ ସାହୁ, କବି ତଥା ଶିକ୍ଷକ ଦିଲୀପ ଦାସ ପ୍ରମୁଖଙ୍କୁ ଚାଳଘରର ସଦସ୍ୟ ରୂପେ ଗ୍ରହଣ କରାଯାଇଥିଲା। ଅନୁଷ୍ଠାନ ସଦସ୍ୟା ବନିତା ବେହେରା, ଜ୍ୟୋତ୍ସ୍ନାରାଣୀ ନାଥଶର୍ମା ଓ ଶିକ୍ଷକ ମନୋଜ ସାହୁଙ୍କୁ ଚାଳଘର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ଆସରକୁ କବି ଅମ୍ରିତା ସିଂ ଓ ଅଜୟ ଜେନା ସଂଯୋଜନା କରିଥିଲେ। ସାମାଜିକ କର୍ମୀ ବୃନ୍ଦାବନ ସାମଲ, କବି ଡ. ନିରଞ୍ଜନ ସାହୁ, ପ୍ରମୋଦ କୁମାର ସାମଲ, ନିରୋଦ କୁମାର ଜେନା, ଷ୍ଟାଲିନ୍ ଜେନା, ଶରତ ଚନ୍ଦ୍ର ଜେନା, ଅମିତାଭ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ଆବୃତି କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜୈବ ବିବିଧତା ସଂରକ୍ଷଣ ପାଇଁ ଟିଏସ୍ଏମ୍ଏଲ୍ ସମ୍ମାନିତ

କାଳିଆପାଣି, ୮।୧୦(ଡି.ଏନ୍.ଏ.)

ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଅବସରରେ ଜୈବ ବିବିଧତା ସଂରକ୍ଷଣର ଉଲ୍ଲେଖନୀୟ ପଦକ୍ଷେପ ପାଇଁ ସୁକିନ୍ଦା କ୍ରୋମାଇଟ୍ ଖଣି ଅଞ୍ଚଳରେ କାର୍ଯ୍ୟରତ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍ଏମ୍ଏଲ୍) କମ୍ପାନୀକୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟର ସହଭାଗିତାରେ ଏନ୍‌ଡବ୍ଲ୍ୟୁସିଏସ୍‌ଓ (ନେଚର ଆଣ୍ଡ ୱାଇଲ୍ଡଲାଇଫ କଞ୍ଜର ଭେଶନ ସୋସାଇଟି ଅଫ୍ ଓଡ଼ିଶା) ପକ୍ଷରୁ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଅଂଶୀଦାରମାନଙ୍କ ଯୋଗଦାନ ସମ୍ପର୍କିତ କର୍ମଶାଳାରେ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଟିଏସ୍ଏମ୍ଏଲ୍ ପକ୍ଷରୁ ସହକାରୀ ମହାପ୍ରବନ୍ଧକ ଦେବରାଜ ତିୱାରୀ ପୁରସ୍କାର ଗ୍ରହଣ କରିଥିଲେ। ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର ଏବଂ ଏନ୍‌ଡବ୍ଲ୍ୟୁସିଏସ୍‌ଓର ସଭାପତି ସରୋଜ କୁମାର ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏନଡବ୍ଲ୍ୟୁସିଏସ୍‌ଓର ଅଧ୍ୟକ୍ଷା ଗାୟତ୍ରୀ ଦେବୀ ଉପସ୍ଥିତ ଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ପୁରସ୍କାର ଉପରେ ମତ ରଖି କହିଛନ୍ତି, ଆମର ସମସ୍ତ ଖନନ କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ଜୈବ ବିବିଧତା ପରିଚାଳନା ଯୋଜନା ପ୍ରସ୍ତୁତ ରହିଛି। ଆମେ ଜୈବ ବିବିଧତାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମରେ ଜୈବ ବିବିଧତା ସଂରକ୍ଷଣ ପାଇଁ ଟିଏସ୍ଏମ୍ଏଲ୍‌ର ବିଭିନ୍ନ ପ୍ରକଳ୍ପ ଯଥା ପ୍ରଜାତୀୟ ଖାଦ୍ୟସାମଗ୍ରୀ ମହୋତ୍ସବ, ଜୈବ ବିବିଧତା, ସବୁଜ ଚିକିତ୍ସା ଭଳି ବିଭିନ୍ନ ଶ୍ରେଷ୍ଠ ପଦକ୍ଷେପକୁ ଉପସ୍ଥାପନ କରାଯାଇଥିଲା। ବ୍ୟବସାୟିକ କାର୍ଯ୍ୟ ପ୍ରଣାଳୀରେ ଜୈବ ବିବିଧତା ସଂରକ୍ଷଣ ଓ ବୃଦ୍ଧି ଉପରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା। କମ୍ପାନୀ ପକ୍ଷରୁ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ ସହିତ ଏହାର ସମସ୍ତ ଖଣିରେ ଜୈବ ବିବିଧତା ପରିଚାଳନା ଯୋଜନା ଆରମ୍ଭ ହୋଇଛି। ଆଗାମୀ ପିଢ଼ି ପାଇଁ ଜୈବ ବିବିଧତା ସଂରକ୍ଷଣର ଆବଶ୍ୟକତା ଉପରେ ସଚେତନ କରାଇବାକୁ ପ୍ରଚେଷ୍ଟା ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# କରୋନା ପ୍ରିକଶନ ଡୋଜ୍ ମାତ୍ରା ବଢୁନି

ରସୁଲପୁର,୮।୧୦(ଡି.ଏନ.ଏ.)

କରୋନା ପ୍ରିକ୍‌ଶନ ଡୋଜ୍ (ବୁଷ୍ଟର ଡୋଜ୍)ନେବାର ଅବଧି ବଢ଼ିଛି। ହେଲେ ରସୁଲପୁର ବ୍ଲକ୍ ଅଞ୍ଚଳରେ ପ୍ରିକ୍‌ଶନ ଡୋଜ୍ ମାତ୍ରା ବଢୁନି। ଫଳରେ ଏହାକୁ ନେଇ ଅଞ୍ଚଳର ଶତାଧିକ ବୟସ୍କ ବ୍ୟକ୍ତି ଆଶଙ୍କାରେ ରହିଛନ୍ତି। ବ୍ଲକ୍‌ର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜରିଆରେ ଟିକା ପ୍ରଦାନ କରାଯାଉଛି। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଟିକା ଆଶାୟୀଙ୍କ ତୁଳନାରେ ବହୁତ କମ୍। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର, କବାଟବନ୍ଧ, ମର୍ଜିତାପୁର, କୁସ୍ତିରା, ଗଡ଼ମଧୁପୁର ଓ ଇମାମ୍‌ନଗର, କୋରେଇ ବ୍ଲକର ଗୋଳେଇପୁର, ସାହାପୁର, ମଲପଡ଼ା ଆଦି ଅଞ୍ଚଳର ମଧ୍ୟବୟସ୍କମାନେ ତୃତୀୟ ଡୋଜ୍ ନେବାକୁ ଆସୁଛନ୍ତି। ଏହାଛଡ଼ା ବ୍ରହ୍ମବରଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଜପୁର ବ୍ଲକର ଖାଲପଡ଼ା, ରୁଦ୍ରପୁର ପଞ୍ଚାୟତରୁ ଟିକାଧାରୀ ଆସି ଭିଡ଼ ଜମାଉଛନ୍ତି। ଫଳରେ ଏହି ପ୍ରକ୍ରିୟା ବିଶେଷ ସମସ୍ୟା ସୃଷ୍ଟି କରୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପଞ୍ଜୀକୃତ ମଧ୍ୟବୟସ୍କ ତୁଳନାରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ଟିକା ପ୍ରଦାନ କରାଯାଉଛି। ହେଲେ ଏହି ୩ ବାହାର ବ୍ଲକର ମଧ୍ୟବୟସ୍କମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଭିଡ଼ ଜମାଉଥିବାରୁ ସମସ୍ୟା ସୃଷ୍ଟି ହେଉଛି।



ଟିକା ନେବାକୁ ଲୋକଙ୍କ ଲମ୍ବା ଧାଡ଼ି ଲାଗିଛି।

ଦେଖିବାକୁ ଗଲେ ଗତ ଶୁକ୍ରବାର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୮୦୦ ଟିକା ପ୍ରଦାନ କରାଯାଇଥିଲା। ଏହାକୁ ବ୍ରହ୍ମବରଦା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସମାନ ଭାବେ ବାଣ୍ଟି ଦିଆଯାଇଥିଲା। ଏଥିସକାଶେ ଉଭୟ ସ୍ଥାନରେ ୨୦୦୦ରୁ ଊର୍ଦ୍ଧ୍ୱ ଆଶାୟୀ ଭିଡ଼ ଜମାଇଥିଲେ। ଉପଲବ୍ଧ ଟିକା ସିରିଯିବା ପରେ ଆଶାୟୀମାନେ ନିରାଶ ହୋଇ ଫେରିଥିଲେ। ଏବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଅଧାଅଧି ମଧ୍ୟବୟସ୍କ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଆବଶ୍ୟକ ଅନୁଯାୟୀ ଟିକା ନ ମିଳିଲେ ଅନେକ ଆଶାୟୀଙ୍କୁ ତୃତୀୟ ଡୋଜ୍ ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡୋଜ୍ ଉପଲବ୍ଧ ହେଉ ନ ଥିବାରୁ ମଧ୍ୟବୟସ୍କଙ୍କୁ ନିରାଶ ହେବାକୁ ପଡୁଛି। ଡାକ୍ତରଖାନାକୁ ଆସୁଥିବା ଟାର୍ଗେଟ୍‌ଠାରୁ ଅଧିକ ଆଶାୟୀଙ୍କ ଭିଡ଼ ଜମୁଛି। ରାତିଅଧରୁ ଆଶାୟୀ ଆସି ଲାଇନ୍‌ରେ ଛିଡ଼ାହୋଇ ରହୁଛନ୍ତି। ହେଲେ ଡୋଜ୍ ଅଭାବରୁ ଅଧିକାଂଶ ବ୍ୟକ୍ତି ନିରାଶ ହୋଇ ଫେରୁଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ପ୍ରିକ୍‌ଶନ ଡୋଜ ପ୍ରଦାନ କରା ନ ଗଲେ ବହୁ ମଧ୍ୟବୟସ୍କ ଟିକାରୁ ବଞ୍ଚିତ ହେବା ସମ୍ଭାବନା

> ■ ଆଶଙ୍କାରେ ଧର୍ମଶାଳା ବ୍ଲକ୍ ଅଞ୍ଚଳର ମଧ ବୟସ୍କ
>
> ■ ଧର୍ମଶାଳା, କୋରେଇ ଓ ଯାଜପୁର ବ୍ଲକର ଆଶାୟୀ ସମସ୍ୟା ବଢ଼ାଉଛନ୍ତି

ଦେଖାଦେଇଛି। ଏ ଦିଗରେ ଡାକ୍ତରଖାନା କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଆସୁଛନ୍ତି। ହେଲେ ସ୍ଥିତିରେ ସୁଧାର ଆସିପାରୁନାହିଁ, ଯଦ୍ୱାରା ଟିକା ପାଉ ନ ଥିବା ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ଡାକ୍ତରଖାନା କର୍ମଚାରୀ। ତେଣୁ ଅଧିକ ମାତ୍ରାରେ ଟିକା ପ୍ରଦାନ ସହ ଆଶାୟୀଙ୍କ ସଂଖ୍ୟା ସରିବା ଯାଏଁ ଟିକାଦାନ ଅବଧିକୁ ବଳବତ୍ତର ରଖିବାକୁ ଦାବି ହେଉଛି। ତେବେ ଟିକା ପ୍ରଦାନ ଉପରେ ସରକାରଙ୍କ ପକ୍ଷରୁ ଘନ ଘନ ନିୟମ ପରିବର୍ତ୍ତନକୁ ନେଇ ଡାକ୍ତରଖାନା କର୍ମଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ମଚାରୀ କହିଛନ୍ତି, ଆଶାୟୀ ମଧ୍ୟବୟସ୍କଙ୍କ ଅନୁଯାୟୀ ଟିକା ଯୋଗାଣ ହେଉ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଟିକା ଅଧିକ ଆସିଲେ ଲୋକଙ୍କୁ ଦିଆଯିବ। ଲୋକେ ଯେତେ ହୋହଲ୍ଲା କଲେ ବି ସେମାନେ କିଛି କରିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଆଜି ମା'ଗଜଲକ୍ଷ୍ମୀଙ୍କ ଧରାବତରଣ

**କେନ୍ଦ୍ରାପଡ଼ା ଅଫିସ, ୮।୧୦**

ଗତ ୨ ବର୍ଷ କରୋନା କଟକଣା ଯୋଗୁ ଫିକା ପଡ଼ିଥିଲା କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା । ହେଲେ ଚଳିତ ବର୍ଷ ସେଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଗଜଲକ୍ଷ୍ମୀଙ୍କ ଧରାବତରଣ ରବିବାର ହେବ । ଏଥିପାଇଁ ସହର ତଥା ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇଛି । ଚଳିତ ବର୍ଷ ସହରର ମୋଟ ୬୭ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଅନ୍ୟ ଦେବୀଦେବ ପୂଜା ପାଇବେ । ସେହିପରି ଜିଲାର ୨୧୧ ମଣ୍ଡପରେ ମା'ଙ୍କ ପୂଜା ପାଇଁ ଅନୁମତି ମିଳିଛି । ଅଧିକାଂଶ ପୀଠସ୍ଥଳୀରେ ସୁସଜ୍ଜିତ ତୋରଣ ନିର୍ମାଣ ହୋଇଥିବା ବେଳେ ପୂଜାମଣ୍ଡପ ଆଖପାଖ ରାସ୍ତା ସହିତ ବିଭିନ୍ନ ଛକରେ ଆଲୋକମାଳା ଝଲସୁଛି । ଜନ ସମାଗମକୁ ଆଖି ଆଗରେ ରଖି ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ବଜାର, ଷ୍ଟଲ ଲାଗିଲାଣି । ବ୍ୟବସାୟୀ ଗୋଷ୍ଠୀ ନିଜର ପ୍ରଚାର କୌଶଳ ଅବଲମ୍ବନ କରି ଆକର୍ଷଣୀୟ ଅଫର ଘୋଷଣା କରିଛନ୍ତି । ଚଳିତ ବର୍ଷ ତୋରଣ ସହିତ ମେଢ଼ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି ।

ସହରର ଖଡିଅଙ୍ଗ, ମଢ଼ିଆଳ, କାକଟମଙ୍ଗଳା, ଗଣାମାହାଲ ଆଦି ସ୍ଥାନରେ ଚାନ୍ଦି ମେଢ଼ ପ୍ରସ୍ତୁତ ହୋଇଥିବା ବେଳେ ୨୦ରୁ ଅଧିକ ସ୍ଥାନରେ ସୁନା ଓ ଚାନ୍ଦି ମେଢ଼ର ଝଲକ ଦେଖିବାକୁ ମିଳିବ । ବିଭିନ୍ନ ସ୍ଥାନରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ମାସାଧିକ କାଳ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ବୈଠକ କରି ପୂଜାର୍ଚ୍ଚନା, ତୋରଣ, ଭସାଣି, ବାଜା, ରୋଷଣି ଆଦିର ରୂପରେଖକୁ ସମୀକ୍ଷା କରିଥିଲେ । କେନ୍ଦ୍ରାପଡ଼ା ଜିଲାର ଏହି ପୂଜାସୋବ ଏକ ଗଣପର୍ବ ପାଲଟିଥିବାରୁ ଆକର୍ଷଣ ସ୍ୱତନ୍ତ୍ର । ଗଜଲକ୍ଷ୍ମୀ ପୂଜାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି । ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି ବୋଲି ଜିଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି । ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ପରିବେଶ ଓ ପରିମଳକୁ ଗୁରୁତ୍ୱ ଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଅଶ୍ଳୀଳ ଗୀତକୁ ପ୍ରୋତ୍ସାହନ ନ ଦେବା ଆଦିକୁ ଗୁରୁତ୍ୱ ଦିଆଯାଇଥିବା ଜିଲାପାଳ କହିଛନ୍ତି । ସେହିପରି ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି, ଆଇନଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପୋଲିସ ଓ ବାହାର ଜିଲା ପୋଲିସଙ୍କୁ ପୂଜା ସମୟରେ ନିୟୋଜିତ କରାଯିବ ବୋଲି ସ୍ଥିର କରାଯାଇଛି । ଟ୍ରାଫିକ ବ୍ୟବସ୍ଥା, ମେଢ଼ ନିକଟରେ ପୋଲିସ ମୁତୟନ, ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ବୈଠକରେ ମୁଖ୍ୟ ପ୍ରସଙ୍ଗ ଥିଲା । ପୂଜା ସମୟରେ ପ୍ରତି ଛକରେ ପୋଲିସ ଫୋର୍ସ ମୁତୟନ ସହ ସହରର ୫ଟି ଅସ୍ଥାୟୀ ଫାଣ୍ଡି, ମୋବାଇଲ ପୋଲିସ ସେବା ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ଚଳିତ ବର୍ଷ ସିସିଟିଭି ସହିତ ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ କାକଟ ଛକରେ ୩ ୱାଚ ଟାୱାର ନିର୍ମାଣ କରାଯାଇ ଭିଡିଓ ରେକର୍ଡିଂ ହେବ । ଯାହାଫଳରେ ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ । ସେହିପରି ପ୍ରତ୍ୟେକ ପୂଜା ମଣ୍ଡପ ଓ ସହର ରାସ୍ତାରେ ସିସିଟିଭି ଲଗାଯିବା ସହ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରାଯିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି ।


ଗଜଲକ୍ଷ୍ମୀଙ୍କ ମୂର୍ତ୍ତିକୁ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି ।

- ୨୧୧ ମଣ୍ଡପରେ ପୂଜା ପାଇବେ ଦେବୀ
- ଆଲୋକ ମାଳାରେ ଝଲସୁଛି ସହର
- ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର

## ସଂକ୍ଷେପରେ

### କଳାବୁଦାରେ ତୈଳ, ଗ୍ୟାସ୍ ଅନୁସନ୍ଧାନ ୟୁନିଟ୍ ପ୍ରକଳ୍ପ

କେନ୍ଦ୍ରାପଡ଼ା ଅଫିସ, ୮।୧୦: ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ରାଜ୍ୟର ୧୦ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିପାଇଁ ମୋଟ ୧୧୨୩.୬୦ କୋଟି ଟଙ୍କା ନିବେଶ ହେବାକୁ ଥିବା ବେଳେ ୫,୧୭୦ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଘୋଷଣା ହୋଇଛି । ଏହି ବୈଠକରେ ଅଏଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ପୁରୀ ଓ କେନ୍ଦ୍ରାପଡ଼ାର କଳାବୁଦାଠାରେ ତୈଳ ଓ ଗ୍ୟାସ ଅନୁସନ୍ଧାନ ୟୁନିଟ୍ ପ୍ରକଳ୍ପ ଲାଗି ୧୦୮ କୋଟି ଟଙ୍କା ନିବେଶ ସହିତ ମୋଟ ୧୧୫ ଜଣଙ୍କୁ ନିଯୁକ୍ତି ମିଳିବ । ୨୦୦୭ରେ ଓଏନ୍‌ଜିସି ପକ୍ଷରୁ ଏହି ଜିଲାର ଡେରାବିଶ ବ୍ଲକ ଅଞ୍ଚଳର ମନ୍ତ୍ରୀପଡା ବିଶୋଖି, ମାତାମଠ ଆଦି ସ୍ଥାନରେ ସର୍ଭେ ହୋଇଥିବା ବେଳେ ଗରଦପୁର ବ୍ଲକ ପାଟକୁରା ଥାନା ଅନ୍ତର୍ଗତ କଳାବୁଦାଠାରେ ୨୦୧୮ରେ ସର୍ଭେ ହୋଇଥିଲା । ଜୁନ୍ ୧୬ରେ କଳାବୁଦା ଓ ସେପ୍ଟେମ୍ବର ୯ରେ ମହାକାଳପଡ଼ା ବ୍ଲକ ସୋବଲାଠାରେ ଟିଉବୱେଲ ଖୋଳିବା ପାଇଁ ୨୦୦ ଫୁଟ ଗର୍ଭରୁ ମିଥେନ ଗ୍ୟାସ ଥିବା ସୂଚନା ମିଳିଥିଲା । ୨୦୧୭ ଡିସେମ୍ବର ୨୧ରେ କେନ୍ଦ୍ରାପଡ଼ା ବ୍ଲକ ଘାଘରାଠାରେ ଟିଉବ୍‌ୱେଲ ଗାତରୁ ଗ୍ୟାସ୍ ବାହାରି ନିଆଁ ଲାଗିଥିବା ସୂଚନା ମିଳିଥିଲା । ୨୦୦୭ର ସର୍ଭେ ସମୟରେ କମ ପରିମାଣର ମିଥେନ ଗ୍ୟାସ ଭୂଗର୍ଭରେ ରହିଥିବା ନେଇ ତତ୍କାଳିନ ଭୂତତ୍ତ୍ୱବିଦ୍ କେଭିଏସ ଶିବରାମକ୍ରିଷ୍ଣନ, ପ୍ରବୀନ କୁମାର ଓ ରାମକ୍ରିଷ୍ଣନ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ, ପୁରୀ ଜିଲା ଗୋପ ବ୍ଲକ କୁସୁପୁର ଓ ଚିତ୍ରା ପଞ୍ଚାୟତରେ ପ୍ରାକୃତିକ ଗ୍ୟାସ ଥିବା ଜଣାପଡିବା ପରେ ଏହାର ଉତ୍ତୋଳନ ଓ ସଂରକ୍ଷଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



ଡେରାବିଶ,୮।୧୦(ସ୍ୱ.ପ୍ର.): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରଠାରେ କେନ୍ଦ୍ରାପଡ଼ା ଜିଲା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱର ଯୁବକ ସଂଘର ସମ୍ପାଦକ ମୁକେଶ କୁମାର ଧଳ, ଗୌତମ ବେହେରା, ବଟକୃଷ୍ଣ ପାଢ଼ୀ, ଦିପ୍ତିରଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଯୋଗଦେଇ ଏଣ୍ଡର, ଶ୍ୟାମସୁନ୍ଦରପୁର ଓ ବୀରନୀଳକଣ୍ଠପୁର ଗ୍ରାମରେ ପ୍ଲାଷ୍ଟିକର ବ୍ୟବହାର ପରିବେଶ ପାଇଁ କେତେ ବିପଦଜନକ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନତ କରିଥିଲେ । ଏଥି ସହିତ ଗ୍ରାମରେ ବିଭିନ୍ନ ସ୍ଥାନରେ ପଡ଼ିଥିବା ପ୍ଲାଷ୍ଟିକକୁ ଗୋଟେଇ ସଫା କରିଥିଲେ । ପରେ ସେପରି ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଜନସାଧାରଣରେ ବୁଝାଇଥିଲେ ।

### 'ଗୁରୁ ଜ୍ଞାନ ଦେଇ ଈଶ୍ୱରଙ୍କ ସହ ପରିଚିତ କରାନ୍ତି'

ତିର୍ତ୍ତୋଲ, ୮।୧୦ (ଡି.ଏନ.ଏ.) : ଗୁରୁ ଜ୍ଞାନ ପ୍ରଦାନ କରି ଆମକୁ ସୃଷ୍ଟି ଓ ଈଶ୍ୱରଙ୍କ ସହ ପରିଚିତ କରାଇଥାନ୍ତି ବୋଲି ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ସାରଦା ଏକାଡେମୀରେ ଅନୁଷ୍ଠିତ ଗୁରୁ ପୂଜନ ଓ ମହକ ସ୍ମୃତି ମିଳନ କାର୍ଯ୍ୟକ୍ରମରେ ଶନିବାର ମତ ପ୍ରକାଶ ପାଇଛି । ଶିକ୍ଷକ ସୌମ୍ୟେନ୍ଦ୍ର ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ର ସଂସଦର ପ୍ରତିନିଧି ହିମାଂଶୁ ଶେଖର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପକ ଦୀପକ କୁମାର ସିଂହ ଓ ପୂର୍ବତନ ବିଜ୍ଞାନ ଶିକ୍ଷକ ତଥା ପ୍ରଶାସନିକ ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ଯୋଗଦେଇ ଗୁରୁଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ଦେଇଥିଲେ । ଏହାପରେ ଗୁରୁପୂଜନ କରାଯାଇ ଉପସ୍ଥିତ ଶିକ୍ଷକ ଦମ୍ପତିମାନଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପ ଗୁଚ୍ଛ ଓ ପ୍ରଶସ୍ତି ପତ୍ର କରାଯାଇଥିଲା । ଏହି ଅବସରରେ ପରିଷଦର ସ୍ମରଣିକା ସ୍ମୃତିର ମହକ ଉନ୍ମୋଚନ କରାଯାଇଥିଲା । ନରେନ ପ୍ରସାଦ ସିଂହ, ଅରୁଣ ମହାପାତ୍ର, ବୈଶାଳୀ ଦାସ, ଆଇନଜୀବୀ ରଶ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୟନକୁ ନେଇ ଅସନ୍ତୋଷ

**ମାର୍ଶାଘାଇ,୮।୧୦(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୟନ ଜନିତ ତ୍ରୁଟି ଯୋଗୁ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କେତେକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଦୁର୍ଦ୍ଦଶା ଭୋଗ କରୁଥିବା ଅଭିଯୋଗ ହେଉଛି । ଜିଲା ଶିକ୍ଷା ବିଭାଗ ଏ ଦିଗ ସମ୍ପୂର୍ଣ୍ଣ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି । ପ୍ରତିବର୍ଷ ପରୀକ୍ଷା କେନ୍ଦ୍ର ଚୟନ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଆପତ୍ତି ଅଭିଯୋଗକୁ ଏଡାଇ ଦିଆଯାଉଛି । ପରୀକ୍ଷା କେନ୍ଦ୍ର ଚୟନ ବେଳେ ୧୦ କି.ମି.ନିୟମ ପାଳନ ପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡର ଗାଇଡ୍ ଲାଇନ ଥିବା ବେଳେ ମାର୍ଶାଘାଇ ବ୍ଲକର ବିଭିନ୍ନ ବିଦ୍ୟାଳୟ ଏଥିରୁ ବାଦ୍ ପଡୁଥିବା ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକର ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ଶାସନିପଡା, ମାଆ କାଲୁଆଣୀ ଉଚ୍ଚ ବିଦ୍ୟାଳୟ ହଳଦିଆ, ଗରଜଙ୍ଗା ଉଚ୍ଚ ବିଦ୍ୟାଳୟ ଓ ଅନ୍ତେଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିପଦଶଙ୍କୁଳ ତଥା ଟ୍ରକ ବସ ଓ ଭାରିଯାନ ଯାତାୟାତ କରୁଥିବା ଜାତୀୟ ରାଜପଥରେ ମାର୍ଶାଘାଇ, ନଳଦିଆ ଓ ଆଶ୍ରମ ବାଲିକୁଦା ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି । ସ୍ଥାନୀୟ ଅଞ୍ଚଳରେ ନୂତନ ପରୀକ୍ଷା କେନ୍ଦ୍ର ଚୟନ କରାଗଲେ ଛାତ୍ରୀଛାତ୍ରଙ୍କୁ ଆଉ ବିପଦଶଙ୍କୁଳ ଜାତୀୟ ରାଜପଥରେ ଯିବା ଆସିବାକୁ ପଡନ୍ତା ନାହିଁ ବୋଲି ଅଭିଭାବକମାନେ କହିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ଉଠାଇ ନ ଥିଲେ ।

# ଧାନରେ ୩ ଫୁଟ୍‌ର କୋଣାର୍କ ମନ୍ଦିର

## ରାଷ୍ଟ୍ରପତି,ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେବେ ଶିଳ୍ପୀ ଯଶୋବନ୍ତ

**ମହାକାଳପଡ଼ା, ୮।୧୦(ଡି.ଏନ୍.ଏ.)**

ଦୃଢ଼ ଇଚ୍ଛାଶକ୍ତି , କଠିନ ପରିଶ୍ରମ ଯୋଗୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଦେଓଦା ଗ୍ରାମର ଯଶୋବନ୍ତ ମଲ୍ଲିକ ଧାନରେ ୩ଫୁଟ୍ ଉଚ୍ଚର କୋଣାର୍କ ମନ୍ଦିର ତିଆରି କରି ଏବେ ଚର୍ଚ୍ଚାରେ ରହିଛନ୍ତି । ଆର୍ଥିକ ଅନଟନ ମଧ୍ୟରେ ତାଙ୍କ ପରିବାର ସଦସ୍ୟ ଦିନ କାଟନ୍ତି । ରୋଜଗାର ଆଶାରେ ଯଶୋବନ୍ତ ଏବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ଗ୍ରାମରେ ଥିବା ଏକ ସ୍କାଏଲାଇଟ୍ ଓ ଅନ୍ୟାନ୍ୟ ସିମେଣ୍ଟ ସାମଗ୍ରୀ ପ୍ରସ୍ତୁତ କରୁଥିବା ସଂସ୍ଥାରେ ରାଜମିସ୍ତ୍ରୀ ଭାବେ କାମ କରୁଛନ୍ତି । ଫୁରସତ ସମୟରେ ଯଶୋବନ୍ତ ବିଭିନ୍ନ ବାଲୁକା କଳା , ମୁରୁଜ, ଝୋଟି , ମାଟି ଓ ସିମେଣ୍ଟ ମୂର୍ତ୍ତି , ପଥର ଓ କାଠ ମୂର୍ତ୍ତି ସହିତ,ଧାନ, ନଡ଼ିଆ , କିଆ , ବର , ଓସ୍ତ , କାଇଁଚ , ବେଣା , ନଡ଼ିଆ କତା , ସୋଲ ଓ କାଗଜରେ ବିଭିନ୍ନ କଳାକୃତୀ ତିଆରି କରିଥାଆନ୍ତି । ଏଥିପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଥିବା କୁହନ୍ତି । ତେବେ ତାଙ୍କ ହାତ ତିଆରି ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ଏବେ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ୩ କେଜି ଦେଶୀ ପାଟଣୀ ଧାନରେ ତିଆରି ହୋଇଥିବା ଏହି କୋଣାର୍କ ମନ୍ଦିରର ଉଚ୍ଚତା ବି ତିନି ଫୁଟ୍ । ଏହି କଳାକୃତୀ ପାଇଁ ତାଙ୍କୁ ୨୦ ଦିନ ସମୟ ଲାଗିଥିଲା । ସେ ଏହି ମନ୍ଦିର ନିର୍ମାଣ କରିବା ପାଇଁ ଦିନରାତି ପରିଶ୍ରମ କରିଥିଲେ । ସେହି ମନ୍ଦିରକୁ ଯଶୋବନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ଭାବେ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଏଥିପାଇଁ ସେ ସୁବିଧା ସୁଯୋଗକୁ ଅପେକ୍ଷା କରିଥିବା କହିଛନ୍ତି । ସରକାରୀ ସହାୟତା ମିଳିଲେ ଏହି ଅନୁସୂଚିତ ଜାତିର କଳାକାର ଜାତୀୟ , ଆନ୍ତର୍ଜାତିକସ୍ତରରେ ହସ୍ତକଳା କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।


ଯଶୋବନ୍ତଙ୍କ ଦ୍ୱାରା ଧାନରେ ତିଆରି କୋଣାର୍କ ମନ୍ଦିର ।

# ନଦୀରେ ବୁଡ଼ି ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମବରଦା,୮।୧୦(ଡି.ଏନ.ଏ.):**

ଧର୍ମଶାଳା ଥାନା ଅର୍ନ୍ତଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଜଣେ ଭିନ୍ନକ୍ଷମ ଯୁବକଙ୍କ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି । ସେ ହେଲେ ଗ୍ରାମର ସେକ୍ ଆଲ୍ଲାରେଖା ଖାଁ(୩୭) । ଆଲ୍ଲାରେଖା ଶନିବାର ଅପରାହ୍ନରେ ବଜାରଘାଟସ୍ଥିତ ବ୍ରହ୍ମଣୀ ନଦୀକୁ ଶୌଚହେବାକୁ ଯାଇଥିଲେ । ତେବେ ଅସାବଧାନତା ହେତୁ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡ଼ିଯାଇ କିଛି ଦୂରରେ ଭାସୁଥିଲେ । ସ୍ଥାନୀୟ ଲୋକେ ଏହା ଦେଖି ବ୍ରହ୍ମବରଦା ଫାଣ୍ଡିକୁ ଜଣାଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଆଲ୍ଲାରେଖାଙ୍କ ୪ଟି ସନ୍ତାନ ଅଛନ୍ତି । ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁସ୍ଥାନୀୟଲୋକେଦାବିକରିଛନ୍ତି ।


ଏରସମାରେ ଶନିବାର ମା' ଦୁର୍ଗାଙ୍କ ମେଢ଼କୁ ଭସାଣି ଶୋଭଯାତ୍ରାରେ ନିଆଯାଉଛି ।

# ପିକ୍‌ଅପ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବରୀ, ୮।୧୦(ଡି.ଏନ.ଏ.):**

ବରୀ ବ୍ଲକ୍ ଅଧୀନ ବରୁହାଁ-କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ଗୋବିନ୍ଦାବାଟୀ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଜଣେ ସ୍କୁଟି ଚାଳକଙ୍କୁ ପିକ୍‌ଅପ୍ ଭ୍ୟାନ୍ ଧକ୍କାଦେବାରୁ ତାଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଳଦା ଗ୍ରାମର କିଶୋର ଦାସଙ୍କ ପୁଅ ସୁନାକର (୨୫) । ସେ ସ୍କୁଟି ଯୋଗେ ଆସୁଥିବା ସମୟରେ ବିପରୀତ ଦିଗରୁ ଏହି ପିକ୍‌ଅପ୍ ଭ୍ୟାନ୍ (ଓଡି-୦୪-ଆର୍-୭୧୩୪) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କାଦେବା ସହ ରାସ୍ତାର ବାମକଡ଼କୁ ଓଲଟି ପଡ଼ିଥିଲା । ଏହାପରେ ଭ୍ୟାନ୍ ଡ୍ରାଇଭର ଫେରାର ହୋଇଯାଇଥିଲେ । ଦୁର୍ଘଟଣାର ଶିକାର ସୁନାକରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି ।

# ଓସିଏସ୍ ପରୀକ୍ଷାରେ ଡେରାବିଶ ବ୍ଲକ୍‌ର ୪ ପରୀକ୍ଷାର୍ଥୀଙ୍କ କୃତିତ୍ୱ

**ଡେରାବିଶ, ୮।୧୦(ସ୍ୱ.ପ୍ର.)**


ହରପ୍ରିୟା


ବିଶ୍ୱଜିତ୍

ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶିତ ପାଇଛି । ଏହି ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ୪ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରିଛନ୍ତି । ସେମାନେ ହେଲେ ପଲେଇ ପଞ୍ଚାୟତ ସବଳଙ୍ଗ ଗ୍ରାମର ନଟବର ପୃଷ୍ଟିଙ୍କ ଝିଅ ହରପ୍ରିୟା, ଖମୋଳ ପଞ୍ଚାୟତ ବିଶୋକ ଗ୍ରାମର ଜ୍ଞାନେନ୍ଦ୍ର ଜେନାଙ୍କ ପୁଅ ଆଲ୍‌ଫା (୩୦), ଯଅଁରାବାରିମୂଳ ପଞ୍ଚାୟତ ଅର୍ଦ୍ଧାମୂଳ ଗ୍ରାମର ପ୍ରଫୁଲ୍ଲ ନାୟକଙ୍କ ପୁଅ ସତ୍ୟଜିତ୍ (୨୬) ଓ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ରାୟପୁର ଗ୍ରାମର ବସନ୍ତ କୁମାରେ ପ୍ରଧାନଙ୍କ ପୁଅ ବିଶ୍ୱଜିତ ।

ହରପ୍ରିୟା ଏହି ପରୀକ୍ଷାରେ ୧୭ ର୍‍ୟାଙ୍କରେ ଅଛନ୍ତି । ହରପ୍ରିୟା ସବଳଙ୍ଗ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ +୨ ଓ +୩ରେ ଅଧ୍ୟୟନ କରିଥିଲେ । ପରେ ରିଜିଓନାଲ୍ ବିଇଡ଼ି କରୁଥିବା ବେଳେ ବିନା କୋଚିଂରେ ନିଜ ପ୍ରଚେଷ୍ଟାରେ ସେ ଓଏଏସ୍ ପରୀକ୍ଷା ଦେଇ ୨୦୧୮ ମସିହାରେ ୭୨ ର୍‍ୟାଙ୍କରେ ରହିଥିଲେ । ତେବେ ପୁନରାୟ ସେ ୨୦୨୦ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୧୭ ନଂ. ର୍‍ୟାଙ୍କ ପାଇଛନ୍ତି । ହରପ୍ରିୟା ଏବେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ତେବେ ହରପ୍ରିୟା ଦେଇଥିବା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବେ ବୋଲି ପ୍ରକାଶ କରିଛନ୍ତି ।

ସେହିପରି ରାୟପୁରର ବିଶ୍ୱଜିତ୍ ଏହି ପରୀକ୍ଷାରେ ୧୪୫ ନଂ. ର୍‍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି । ବିଶ୍ୱଜିତ୍ କେନ୍ଦ୍ରାପଡ଼ା ସେଣ୍ଟ ଜୋସେଫ୍ ସ୍କୁଲରୁ ଦଶମ ପରେ ମଦର ପବ୍ଲିକ ସ୍କୁଲରୁ +୨ ରେ ଶିକ୍ଷା ସମାପ୍ତ କରିଥିଲେ । ପରେ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କୃଷି ଡିଗ୍ରୀ ହାସଲ କରି ବର୍ତ୍ତମାନ ସେଠାରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି । ବିଶ୍ୱଜିତ୍‌ଙ୍କ ବାପା ବସନ୍ତ ଓ ମା' ନନ୍ଦିନୀପ୍ରଭା ଶିକ୍ଷକତା କରିନ୍ତି । ସେହିପରି ପଲେଇ ପଞ୍ଚାୟତ ବିଶୋକ ଗ୍ରାମର ଆଲ୍‌ଫା ୨୭ ନଂ. ର୍‍ୟାଙ୍କ ହାସଲ କରିଥିବା ବେଳେ ଯଅଁରାବାରିମୂଳ ପଞ୍ଚାୟତ ଅର୍ଦ୍ଧାମୂଳ ଗ୍ରାମର ସତ୍ୟଜିତ୍ ଏହି ପରୀକ୍ଷାରେ ୧୬୦ ନଂ. ର୍‍ୟାଙ୍କ ହାସଲ କରିଛନ୍ତି ।

# ଅବଧି ସରିଲାଣି : ଆରମ୍ଭ ହେଲାନାହିଁ ରାସ୍ତା କାମ

**ଆଳି,୮।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଛନ୍ତି । ହେଲେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨ କୋଟି ୧୮ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ମୁତାବକ ବାଲକାଟି ପଞ୍ଚାୟତର ସାନଆଙ୍କୋ ଜଳ ସମ୍ପଦ ବିଭାଗ ବନ୍ଧ ନିକଟରୁ କଳଦିଆ ଭାୟା-ଗୋପୀନାଥପୁର, ପୁରିଲୋ, କେନାଙ୍ଗ, ଧନେଶ୍ୱରପୁର ପର୍ଯ୍ୟନ୍ତ ପ୍ରାୟ ୫.୪୬୬ କିଲୋମିଟର ରାସ୍ତା ନିମନ୍ତେ ୨ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ରାସ୍ତାର ୩.୧୩୬ କିଲୋମିଟର ପିଚୁ ହେବାକୁ ଥିବା ବେଳେ ୨.୩୩୦ କିଲୋମିଟର ରାସ୍ତା ପକ୍କା ହେବାକୁ ଧାର୍ଯ୍ୟ କରାଯାଇଛି । ରାସ୍ତା କାମ ୨୦୨୨ ଜାନୁୟାରୀ ୧୦ରୁ ଆରମ୍ଭ ହୋଇ ୨୦୨୨ ଅକ୍ଟୋବର ୯ ମଧ୍ୟରେ ଶେଷ ହେବା କଥା । ମାତ୍ର ଅବଧି ଶେଷ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ।

ଏ ସଂକ୍ରାନ୍ତରେ ବଡ଼ଆଙ୍କୋ ଗ୍ରାମର ସୁବ୍ରତ ତ୍ରିପାଠୀ, ସୁବ୍ରତ ସାହୁ, ଅବକାଶ ସେଠୀ, ସୁଶାନ୍ତ ବେହୁରା, ନିରଞ୍ଜନ ପ୍ରଧାନ, କ୍ଷୀରୋଦ ସେଠୀ, ବସନ୍ତ ମଲିକ, କାର୍ତ୍ତିକ ଧଳ, ବିଶ୍ୱରଣା ସେଠୀ, ଗଦାଧର ମଲିକ, ହଳଧର ମଲିକ, ବାବାଜୀ ସ୍ୱାଇଁ, ଶରତ ଦାଶ ପ୍ରମୁଖ ଅଭିଯୋଗ କରିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାର ଦୁଇ ପାର୍ଶ୍ୱକୁ ୨ ଫୁଟ ଲେଖା ଚଉଡା କରିବା ନିମନ୍ତେ ପ୍ରସ୍ତାବ ଥିଲା । ଏଥିପାଇଁ ରାସ୍ତା ପାର୍ଶ୍ୱ ଖୋଳି ଥିଲେ । କିନ୍ତୁ ତା'ପରେ ଆଉ କାହାର ଦେଖା ମିଳିଲା ନାହିଁ । ରାସ୍ତାପାର୍ଶ୍ୱ ଖୋଳା ହୋଇଥିବାରୁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିଲା । ଟ୍ରକ କିମ୍ବା ଟ୍ରାକ୍ଟରରେ ମାଲ ପରିବହନ ସମୟରେ ସମସ୍ୟା ସୃଷ୍ଟି ହେଉଥିଲା । ଦୀର୍ଘ ଦିନ ଧରି ଫଳକ ଲାଗି ରହିଥିଲା । ହେଲେ କାମ ଆରମ୍ଭ ହେଲା ନାହିଁ । ପ୍ରାୟ ଦେଢ଼ମାସ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ଆସି ଫଳକ ଫଟୋ ଉଠାଉ ଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ ସମ୍ପର୍କରେ ପଚାରିବାରୁ ଅଧିକାରୀମାନେ ଖୁବ୍ ଶୀଘ୍ର ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି କହିଥିଲେ । କିନ୍ତୁ ବିଡମ୍ବନାର ବିଷୟ ପ୍ରକଳ୍ପ ଶେଷ ହେବାର ଶେଷ ତାରିଖ ସରିଛି , କାମ ଆରମ୍ଭ ହୋଇନାହିଁ । ରାସ୍ତା ନିର୍ମାଣ କରା ନ ଗଲେ ଗ୍ରାମବାସୀ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରୁ, ପକ୍କାରାସ୍ତା ନିର୍ମାଣ ସରିଛି । ବର୍ଷା ଯୋଗୁ ଅନ୍ୟ କାମ ଆଗେଇ ପାରିନି । ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।


ରାସ୍ତାକାମ ନ ହେବାରୁ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ
- ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ କହିଲେ କନିଷ୍ଠ ଯନ୍ତ୍ରୀ

## ସଂକ୍ଷେପରେ

### ଓସିଏସ୍ ପରୀକ୍ଷାରେ ଅସିତ୍ ରଞ୍ଜନଙ୍କ କୃତିତ୍ୱ

**ଖଣ୍ଡପଡ଼ା,୮।୧୦(ସ୍ୱ.ପ୍ର.):** ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୦ ଫଳ ପ୍ରକାଶ ପାଇଛି।



ଏଥିରେ ଖଣ୍ଡପଡ଼ା ବ୍ଲକ ଅଧୀନ ପାଣୁସାହୁ ପାଟଣା ଗ୍ରାମର ଅସିତ ରଞ୍ଜନ ସାହୁ ୧୨୭ ତମ ର୍‍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସାହୁ କଟକ ଜିଲା ଶିଳ୍ପକେନ୍ଦ୍ରରେ ଶିଳ୍ପ ବିକାଶ ଅଧିକାରୀ ସୀତାରାମ ସାହୁ ଓ ନୟାଗଡ଼ ଜିଲା ବଣିଆ ୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀଙ୍କ ପୁଅ। ସୀତାରାମ କୁହନ୍ତି, ପୁଅର କୃତିତ୍ୱରେ ଆମେ ବହୁତ ଖୁସି ଅଛୁ। ଏ ସଂକ୍ରାନ୍ତରେ ଅସିତ୍ କୁହନ୍ତି, କଠିନ ପରିଶ୍ରମ ଓ ଏକାଗ୍ରତା ତାଙ୍କୁ ସଫଳତା ଦେଇଛି।

### ରାଶନରେ ନିକୃଷ୍ଟ ମାନର ଚାଉଳ

**ନୟାଗଡ଼ ଅଫିସ,୮।୧୦:** ନୟାଗଡ଼ ଜିଲା ଦଶପଲ୍ଲା ଏନଏସିର ୧୬ ନଂ. ୱାର୍ଡରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବଣ୍ଟନ ହେଉଥିବା ରାଶନ ଚାଉଳ ନିକୃଷ୍ଟମାନର ବୋଲି ଅଭିଯୋଗ ହେଉଛି। ଖାଉଟିଙ୍କ ଅଭିଯୋଗ ସତ୍ତ୍ୱେ ଚାଉଳର ମାନ ପରୀକ୍ଷଣ କରାଯାଉ ନ ଥିବା କୁହାଯାଉଛି। ପ୍ରଶାସନ ଖାଉଟିଙ୍କ ଅଭିଯୋଗକୁ ଅଣଦେଖା କରି ଭଲ ଚାଉଳ ବଣ୍ଟନ ଉପରେ ପଦକ୍ଷେପ ନେଉ ନ ଥିବାରୁ କେତେଜଣ ଖାଉଟି ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

### ଯୁବତୀଙ୍କୁ ଅସଦାଚରଣ, ଯୁବକଙ୍କ ବିରୋଧରେ ମାମଲା

**ଓଡଗାଁ,୮।୧୦(ସ୍ୱ.ପ୍ର.):** ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବଜାର ଅଞ୍ଚଳର ଜଣେ ଯୁବକ ବିବାହ ପ୍ରଲୋଭନ ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ମଣ୍ଟୁ ପୃଷ୍ଟି ନାମକ ଜଣେ ଯୁବକ ସେହି ଅଞ୍ଚଳର ଜଣେ ଦଳିତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ବିବାହ ପାଇଁ ଜିଦ୍ ଧରିବାକୁ ମଣ୍ଟୁ ତାଙ୍କୁ କିଛି ଟଙ୍କା ଦେଇ ଚୁପ୍ ରହିବାକୁ କହିଥିଲେ। ଏହାକୁ ନେଇ ସମ୍ପୃକ୍ତ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ ସୂଚନା ଦେଇଛନ୍ତି।

### ରାମଲୀଳା ମଣ୍ଡପରେ ସ୍ମୃତିସଭା

**ଖଣ୍ଡପଡ଼ା,୮।୧୦(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ପ୍ରାକ୍ତନ ଛାତ୍ର ଇଂ. ନକୁଳ ସାହୁଙ୍କ ପରଲୋକ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ବାପୁଜୀ ନଗର ରାମଲୀଳା ମଣ୍ଡପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀଳମାଧବଙ୍କ ନିକଟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ରମାକାନ୍ତ ମହାରଣା, ରାମଚନ୍ଦ୍ର କାଣ୍ଟି, ଉଜ୍ଜ୍ୱଳ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ଶରତ କୁମାର ମହାରଣା, ମଦନ ମହାରଣା, ସୁରେନ୍ଦ୍ରନାଥ ସାହୁ, ଶରତ ଚନ୍ଦ୍ର ମହାରଣା ଓ ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ପ୍ରଭାକର ଶିରୋମଣି ସଭା ପରିଚାଳନା କରିଥିଲେ।

### ନୂଆଗାଁରେ ୮ ଘଣ୍ଟା ବିଦ୍ୟୁତ୍ କାଟ୍

**ନୟାଗଡ଼ ଅଫିସ,୮।୧୦:** ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତରେ ଅଘୋଷିତ ବିଜୁଳି କାଟ୍ ଚାଲିଛି। ଶନିବାର ଅପରାହ୍ନ ୨ଟାରୁ ବିଦ୍ୟୁତ୍ କାଟ ହୋଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅର୍ଥାତ୍ ରାତି ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ନାହିଁ। ସ୍ୱଳ୍ପ ବର୍ଷା ପରେ ୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ବିଦ୍ୟୁତ୍ ଦିଆ ଯାଇନି। ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି ବୋଲି ଅଭିଯୋଗ ହୋଇଛି।

# ଛତ୍ରପୁର ବିଜେଡିରେ ଗୋଷ୍ଠୀ କନ୍ଦଳ

## ବଦଳିଲେ ପର୍ଯ୍ୟବେକ୍ଷକ

**ଛତ୍ରପୁର,୮।୧୦(ଡି.ଏନ.ଏ)**

ଛତ୍ରପୁରରେ ବିଜେଡିର ଗୋଷ୍ଠୀ କନ୍ଦଳ ଲାଗିରହିଛି। ଦଳୀୟ ନେତା ତଥା ଛତ୍ରପୁର ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉ ନ ଥିବା ବେଳେ ଦଳର କାର୍ଯ୍ୟକ୍ରମକୁ ମଧ୍ୟ ଡକାଯାଉନି। ଛତ୍ରପୁର ବ୍ଲକ ଅଧ୍ୟକ୍ଷା ନିର୍ବାଚନ ଠାରୁ ଏହି ଗୋଷ୍ଠୀ କନ୍ଦଳ ଚାଲିଛି। ଅନ୍ୟପକ୍ଷରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବଦଳିଛନ୍ତି। ଏହାପରେ ଗୋଷ୍ଠୀ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପଡିପାରେ ବୋଲି ଉଭୟ ପକ୍ଷରୁ ଚର୍ଚ୍ଚା ହେଉଛି। ତେବେ ବ୍ଲକ ଅଧ୍ୟକ୍ଷା ନିର୍ବାଚନ ପରଠାରୁ ବିଜେଡିର ଉଚ୍ଚ ନେତୃବର୍ଗ ଓ ସାଙ୍ଗଠନିକ ସମ୍ପାଦକ ଉଭୟ ଗୋଷ୍ଠୀ ସହ ସମ୍ପର୍କ ରଖି ଆସୁଛନ୍ତି। ତେଣୁ ଉଭୟ ପକ୍ଷ ବିଜେଡିର ବୋଲି କହି ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

ବ୍ଲକ ଅଧ୍ୟକ୍ଷା ନିର୍ବାଚନ ପାଇଁ ଏକ ହାଇଡ୍ରାମା ହୋଇଥିଲା। ପ୍ରଥମେ ବ୍ଲକ ଅଧ୍ୟକ୍ଷା ପ୍ରାର୍ଥିନୀ ଓ ସମିତିସଭ୍ୟମାନଙ୍କୁ ଖୋର୍ଦ୍ଧା ଜିଲା ବାଲୁଗାଁ ଠାରେ ଥିବା ଏକ ହୋଟେଲରେ ଗଞ୍ଜାମ ପୋଲିସ ତାଲା ପକାଇଥିଲା। ଉଦ୍ଧାର ପାଇଁ ସେମାନେ ଗଣମାଧ୍ୟମ ଆଗରେ ନିବେଦନ କରିଥିଲେ। ଗଣମାଧ୍ୟମ ହସ୍ତକ୍ଷେପ ପରେ ପୋଲିସ ସେମାନଙ୍କୁ ସେଠାରୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲା। ବିଜେଡିର ତଥା ଅଧ୍ୟକ୍ଷା ପ୍ରାର୍ଥିନୀଙ୍କ ନିକଟରେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ଥିବାରୁ କେତେଜଣ ସମିତିସଭ୍ୟଙ୍କୁ କରୋନା ଦର୍ଶାଇ ପ୍ରଶାସନ ନିର୍ବାଚନ ବାତିଲ କରିଥିଲା। ପରେ ଉକ୍ତ ପ୍ରାର୍ଥିନୀ ହିଁ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ଗୋଟିଏ ପକ୍ଷରେ ବିଧାୟକ ଏବଂ ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ବ୍ଲକ ଅଧ୍ୟକ୍ଷା ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷା ଅଛନ୍ତି। ତାଙ୍କ ବିନା ଅନୁମୋଦନରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇପାରିବନି। ଏହାସତ୍ତ୍ୱେ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଉଦ୍‌ଘାଟନ ବେଳେ ବ୍ଲକ ଅଧ୍ୟକ୍ଷାଙ୍କୁ ଡକାଯାଇ ନ ଥିଲା। ବିଜେଡିର ୨ ବରିଷ୍ଠ ନେତା ତଥା ୨ ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସଙ୍କ ସ୍ତ୍ରୀ ବ୍ଲକ ଅଧ୍ୟକ୍ଷା ଓ ଏସ୍. କିଶୋର ରେଡ୍ଡୀଙ୍କ ସ୍ତ୍ରୀ ବ୍ଲକ ଉପାଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ଉକ୍ତ ୨ ବରିଷ୍ଠ ନେତାଙ୍କୁ ମଧ୍ୟ ଦଳୀୟ କାର୍ଯ୍ୟକ୍ରମକୁ ଡକାଯାଉନି। ଏପରିକି ଦଳୀୟ ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ସମେତ ବହୁ ବରିଷ୍ଠ ନେତା ଏବଂ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଡକା ନ ଯିବା ନେଇ ବିଜେଡିର ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ଏପରିକି ବିଜୁ ଶ୍ରାଦ୍ଧ ଦିବସରେ ମଧ୍ୟ ୨ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ଏହାକୁ ପାଳନ କରାଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ଅନ୍ୟ ଦଳଗୁଡିକୁ ସୁହାଉଛି। ସେପଟେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶହେ ଦିନ କାମ ଯୋଗାଇବାରେ ଗଞ୍ଜାମ ଜିଲା ଦେଶରେ ପ୍ରଥମ ଓ ଶ୍ରମ ଦିବସ ସୃଷ୍ଟି କରିବାରେ ତୃତୀୟ ସ୍ଥାନରେ ରହିଛି। ଏଭଳି ସ୍ଥିତିରେ ଛତ୍ରପୁର ବ୍ଲକ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଜିଲାରେ ଶେଷରେ ରହିଛି। ଗୋଷ୍ଠୀ ବିବାଦ ଯୋଗୁ ଏମଜିଏନଆରଇଜିଏସର ସଫଳ ରୂପାୟନ ହେଉ ନ ଥିବା ଚର୍ଚ୍ଚା ହେଉଛି।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଭାଜପା




ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ।

## ଗର୍ଭବତୀ ଛାତ୍ରୀ ମୃତ୍ୟୁ ଘଟଣା

**ଫୁଲବାଣୀ ଅଫିସ,୮।୧୦**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଗ୍ରାମପଞ୍ଚାୟତର ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ରାତିରେ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମୃତ ଶିଶୁ ଜନ୍ମ ପରେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁବାର ଛାତ୍ରୀଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶନିବାର ଭାଜପା ଯୁବମୋର୍ଚ୍ଚା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି। ଛାତ୍ରୀ ଜଣକ ମାସେ ତଳେ ଗର୍ଭବତୀ ଥିବା କଥା ଜଣା ପଡିବା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଜି. ଉଦୟଗିରିର ଏକ ସେବା ସଦନରେ ପ୍ରଶାସନ ପକ୍ଷରୁ ରଖାଯାଇଥିଲା। ଗତ ୫ ତାରିଖରେ ଗର୍ଭବତୀ ଛାତ୍ରୀର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସତ୍ତ୍ୱେ ତାଙ୍କୁ ବହୁ ବିଳମ୍ବରେ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ ପରେ ପର ଦିନ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏହି ମେଡିକାଲରେ ଶିଶୁ ଓ ସ୍ତ୍ରୀ ବିଶେଷଜ୍ଞ ନାହାନ୍ତି। ଛୁଆ ଜନ୍ମ ପରେ ଆଇସିୟୁର ବ୍ୟବସ୍ଥା ନାହିଁ। ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିଲେ ସୁଦ୍ଧା ବଡ଼ ମେଡିକାଲକୁ ସ୍ଥାନାନ୍ତର ନ କରି ସେଠାରେ ପକାଇ ରଖିବା ଜିଲା ପ୍ରଶାସନର ଅବହେଳାର ପରିଚୟ ସୃଷ୍ଟି କରିଛି। ଏହି ଘଟଣାରେ ଦାୟୀ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ଗୋଲକ ବିହାରୀ କହଁର ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ଉପ ସଭାପତି ସୁଧାଂଶୁ ଗୁରୁ, ନଗର ଯୁବମୋର୍ଚ୍ଚା ସଭାପତି ଅରବିନ୍ଦ ପଟ୍ଟନାୟକ, ସମ୍ପାଦକ ଗୌତମ ମଲିକ, ଗୋଲୋକ ମଲିକ, ଯୁବନେତା ରାଇକିଶୋର ପ୍ରଧାନ ପ୍ରମୁଖ ସାମିଲ୍ ଥିଲେ।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଶୁଭାଶିଷଙ୍କ ସଫଳତା

**ଛତ୍ରପୁର,୮।୧୦(ଡି.ଏନ.ଏ.)**

ପ୍ରକାଶ ପାଇଥିବା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀ ନୀଳକଣ୍ଠେଶ୍ୱର ବିଦ୍ୟାପୀଠର ପ୍ରାକ୍ତନ ଛାତ୍ର ଶୁଭାଶିଷ ଶତପଥୀ ୬୨ ର୍‍ୟାଙ୍କ ରଖି ସଫଳତା ପାଇଛନ୍ତି। ବ୍ଲକ ଅନ୍ତର୍ଗତ ଦୁଆନପଲ୍ଲୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ତଥା କୃଷ୍ଣଚନ୍ଦ୍ର ନଗରଡିହ ନିବାସୀ କୈଳାଶ ଚନ୍ଦ୍ର ଶତପଥୀଙ୍କ ଏକମାତ୍ର ପୁତ୍ର ଶୁଭାଶିଷ ଜଣେ ମେଧାବୀ ଛାତ୍ର ରୂପେ ଦଶମ



ଶୁଭାଶିଷ ଶତପଥୀ।

ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିବା ବିଷୟ ତତ୍କାଳୀନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ପ୍ରକାଶ କରିଛନ୍ତି। ତାଙ୍କର କୃତିତ୍ୱରେ ଟାଙ୍ଗଣାପଲ୍ଲୀ ହାଇସ୍କୁଲର ପୂର୍ବତନ ଛାତ୍ର ସଂସଦର ସଭାପତି ଗଦାଧର ରାଉଳ, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ବିଷୋୟୀ, ସମ୍ପାଦକ କାମରାଜୁ ମହାରଣା, ଯୁଗ୍ମ ସମ୍ପାଦକ କୈଳାଶ ବେହେରା ଓ ଅନିଲ କୁମାର ବିଷୋୟୀଙ୍କ ସମେତ ସଭ୍ୟ ବୃନ୍ଦ ମୂରଲୀ ଧର ସ୍ୱାଇଁ, ଅନିଲ କାନ୍ତ ମହାରଣା, ସନ୍ତୋଷ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ବସନ୍ତ କୁମାର ରାଉଳ, ସନ୍ତୋଷ କୁମାର ନନ୍ଦ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ୫-ଟି ସ୍କୁଲରେ ଭକ୍ତକବିଙ୍କ ନାମ ଭୁଲ୍

**ସଂଶୋଧନ କରାଯାଉ ନ ଥିବାରୁ ଅସନ୍ତୋଷ**

**ନୟାଗଡ଼ ଅଫିସ,୮।୧୦**

ନୟାଗଡ଼ ଜିଲା ଗଣିଆ ବ୍ଲକ ଆଡକଟାସ୍ଥ ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ୫-ଟି ସ୍କୁଲରେ ରୂପାନ୍ତରିତ ହୋଇଛି। ତେବେ ଏହି ସ୍କୁଲରେ ଭକ୍ତକବିଙ୍କ ନାଁ ମଧୁସୂଦନ ରାଓ ବଦଳରେ ମଧୁସୂନ ରାଓ ଲେଖାଯାଇଛି। ଇତିମଧ୍ୟରେ ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ସଂଶୋଧନ କରୁନାହାନ୍ତି। ତୁରନ୍ତ ସେହି ତ୍ରୁଟିକୁ ସଂଶୋଧନ କରାଯାଉ, ନଚେତ୍ ଶିକ୍ଷାବିତ୍‌ମାନେ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

### ବ୍ୟବଚ୍ଛେଦ ଗୃହ ରାସ୍ତା କର୍ଦ୍ଦମାକ୍ତ

**ନୟାଗଡ଼ ଅଫିସ,୮।୧୦**

ନୟାଗଡ଼ ଜିଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛ ପାଖରେ ଥିବା ବ୍ୟବଚ୍ଛେଦ ଗୃହକୁ ପଡିଥିବା ରାସ୍ତା କାଦୁଅ ପଚ ପଚ ହୋଇ ହୋଇଛି। ହେଲେ ଏହାକୁ ମରାମତି କରାଯାଉନି କି ନୂଆ ରାସ୍ତା ନିର୍ମାଣ ହେଉନି। ଅନ୍ୟପକ୍ଷେ ଗଣିଆ ଓ ଦଶପଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ହଇରାଣ ହରକତ ହେଉଛନ୍ତି। ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ରଣପୁର ପାଇଁ ଗୌରବ ଆଣିଲେ ସତ୍ୟଜିତ୍

**ରଣପୁର,୮।୧୦(ସ୍ୱ.ପ୍ର.)**

ଶୁକ୍ରବାର ପ୍ରକାଶ ପାଇଥିବା ଓପିଏସ୍‌ସି ପରୀକ୍ଷାରେ ନୟାଗଡ଼ ଜିଲା ରଣପୁର ପାଇକ ସାହିର ସତ୍ୟଜିତ୍ ମହାନ୍ତି ସଫଳତା ହାସଲ କରି ରଣପୁର ପାଇଁ ଗୌରବ ଆଣିଛନ୍ତି। ଏହି ପରୀକ୍ଷାରେ ସତ୍ୟଜିତ୍ ୧୧୫ ର୍‍ୟାଙ୍କ ହାସଲ କରିଛନ୍ତି। ସେ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି ଓ ଅନିତା ମହାନ୍ତିଙ୍କ ପୁଅ। ୨୦୧୫ରୁ ବରିଷ୍ଠ ଅଧ୍ୟାପକ ଭାବେ ସରକାରୀ ଇଞ୍ଜିନିୟରିଂ ପଲିଟେକନିକ୍ କଲେଜରେ କାର୍ଯ୍ୟରତ ସତ୍ୟଜିତ୍ ୨୦୦୭ ମାଟ୍ରିକ୍ ପରୀକ୍ଷାରେ ଟପ୍ପର ହୋଇଥିଲେ। ଓପିଏସ୍‌ସି ପରୀକ୍ଷାରେ ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହାର ଶ୍ରେୟ ସେ ନିଜ ମା'ବାପାଙ୍କୁ ଦେଇଛନ୍ତି।



# ଲଗାଣ ବର୍ଷାରେ ଭାଙ୍ଗିଲା ଘର



ଭାଙ୍ଗି ଯାଇଥିବା ଘର।

**ଧରାକୋଟ,୮।୧୦(ଡି.ଏନ୍.ଏ.)**

ଲଗାଣ ବର୍ଷାରେ ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଚଞ୍ଚରାପଲି ଗ୍ରାମର ଭଗବାନ୍ ଜେନାଙ୍କ ଝାଟିମାଟି ଚାଳଛପର ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଗ୍ରାମର ବଡ଼ସାହି ମଣ୍ଡପ ନିକଟରେ ଥିବା ଏହି ଘରେ ଭଗବାନ୍‌ଙ୍କ ସହ ପରିବାରର ୮ ସଦସ୍ୟ ରହୁଥିଲେ। ସୌଭାଗ୍ୟବଶତଃ ସମସ୍ତେ ଏକ ନିଶ୍ଚିତ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘର ଭୁଶୁଡ଼ି ପଡ଼ିବା ଯୋଗୁ ପରିବାର ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ରାଜସ୍ୱ ବିଭାଗ ଓ ବ୍ଲକ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ଭଗବାନ୍‌ଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ବର୍ଷାରେ ଭାଙ୍ଗିଲା ସ୍କୁଲ ପାଚେରି

**ଆର.ଉଦୟଗିରି,୮।୧୦(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ମୋହନା ବ୍ଲକ ଲିଲିଗଡ ସ୍କୁଲ ପାଚେରି ଭାଙ୍ଗିଯାଇଛି। ସେପଟେ ମୋହନା ହରଭଙ୍ଗୀ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ୪ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗତ କିଛିଦିନ ଧରି ଗଜପତି ଜିଲାରେ ଲଗାଣ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁ ଲିଲିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ଯାଇଥିବା ବିଦ୍ୟାଳୟ କମିଟି ସଭାପତି କହିଛନ୍ତି। ଏହାର ମରାମତି ପାଇଁ ଦାବି ହୋଇଛି। ସେପଟେ ମୋହନା ହରଭଙ୍ଗୀ ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ଭାସିଯାଇଛି। ଫଳରେ ମୋହନା ଠାରୁ ଧନୁପଙ୍କ, ବାଢେଇପୁର, ଗୁଣ୍ଡିଗୁଡା ଓ ନୂଆସାହି ଆଦି ଗାଁକୁ ଯାତାୟତ ଠପ୍ ହୋଇଯାଇଛି।

# ନାଟକ 'ନବରଙ୍ଗ' ମଞ୍ଚସ୍ଥ



ବିଧାୟକ ଜଣେ କୁନି କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

**ଧରାକୋଟ,୮।୧୦(ଡି.ଏନ୍.ଏ.)**

ଧରାକୋଟ ମଝିସାହିସ୍ଥିତ ଚିତ୍ତ ବିନୋଦନ କେନ୍ଦ୍ର ପ୍ରାଙ୍ଗଣରେ ରୀତିନୀତି ଅନୁଯାୟୀ ଦୁର୍ଗାପୂଜା ପାଳିତ ହୋଇଯାଇଛି। ପ୍ରାୟ ଶହେ ବର୍ଷ ପୂର୍ବରୁ ଏଠାରେ ପୂଜା ହେଉଛି। ଚଳିତବର୍ଷ ପୂଜା ଅବସରରେ ନୟାଗଡ଼ ଜିଲା ରଣପୁରର ନାଟକ 'ନବରଙ୍ଗ' ମଞ୍ଚସ୍ଥ ହୋଇଥିଲା। ନାଟକକୁ ଧରାକୋଟ ବ୍ଲକ କଂଗ୍ରେସ ସଭାପତି ସୁନିଲ କୁମାର ଚୌଧୁରୀ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ସଭାପତି ସୁରେନ୍ଦ୍ର ନାୟକ, ସାମାଜିକ କର୍ମୀ ସୋମନାଥ ମହାନ୍ତି, ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ପୂଜା ମଣ୍ଡପ ପରିଦର୍ଶନ କରି ନାଟକ ପୂର୍ବରୁ କୁନି କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପୋଡ଼ଣୀ ଗ୍ରାମ ରାସ୍ତା ଶୋଚନୀୟ



ରାସ୍ତାରେ ହୋଇଥିବା ଖାଲରେ ପାଣି ଭର୍ତ୍ତି ହୋଇଛି।

**ପାରଳାଖେମୁଣ୍ଡି,୮।୧୦(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ ଅନ୍ତର୍ଗତ ପୋଡ଼ଣୀ ଗ୍ରାମ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦୀର୍ଘବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡିଛି। ପୋଡ଼ଣୀ ଗ୍ରାମ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରଠାରୁ ମାତ୍ର ୪ରୁ ୫ କି.ମି. ଦୂର। ଏହି ରାସ୍ତା ଗୋଷାଣୀ ବ୍ଲକର ପ୍ରାୟ ୭ଟି ଗ୍ରାମକୁ ଯିବା ପାଇଁ ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଉକ୍ତ ରାସ୍ତାରେ ଦୈନନ୍ଦିନ ଶହ ଶହ ଲୋକେ ଯାତାୟାତ କରିଥାନ୍ତି। ବର୍ତ୍ତମାନ ଉକ୍ତ ରାସ୍ତାରେ ବଡ଼ ଗର୍ତ୍ତ ଓ ଖାଲଖମା ହୋଇଥିବା ଯୋଗୁ ବହୁ ସମସ୍ୟା ଉପୁଜୁଥିବା ପଥଚାରୀମାନେ କହିଛନ୍ତି। ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଜରୁରୀ ସମୟରେ ଆମ୍ବୁଲାନ୍ସ, ଦମକଳ ଆଦି ଯାତାୟାତ କରିବାରେ ବହୁ ସମୟ ଅତିକ୍ରାନ୍ତ ହେଉଛି। ଏନେଇ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାର ଗ୍ରାମବାସୀ ଜଣାଇଛନ୍ତି। ବର୍ଷା ବେଳେ ଖାଲଖମାରେ ପାଣି ଭର୍ତ୍ତି ହୋଇ ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନାଚ, ଥିଏଟରରେ ସହର ଦୁଲୁକିଲା

**ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.)**

ଦିଗପହଣ୍ଡି ସହରର ଗଣପର୍ବ ତଥା ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ବାର୍ଷିକ ଯାତ୍ରା ମହୋତ୍ସବ ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ମା' ବୁଢ଼ୀ ଠାକୁରାଣୀଙ୍କୁ ଅସ୍ଥାୟୀ ଯାତ୍ରାପୀଠରେ ଉଗ୍ରଚଣ୍ଡୀ ମଣ୍ଡଳ ଏବଂ ଶକ୍ତି ପଲ୍ଲବ ମନ୍ତ୍ରରେ ପୂଜା କରାଯାଇଥିଲା। ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ସହସ୍ର କୁମ୍ଭାଭିଷେକ ମାଜଣା ପରେ ମା'ଙ୍କୁ ନୂତନ ବସ୍ତ୍ର ଆଭରଣ କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ନିଶାର୍ଦ୍ଧରେ ମା'ଙ୍କୁ ପଞ୍ଚୋପଚାରରେ ଯୋଗିନୀ ପୂଜା କ୍ରମରେ ବାହୁଡ଼ା ଯାତ୍ରା ନିମନ୍ତେ ଆବାହନ କରାଯାଇଥିଲା।



ମା' ବୁଢ଼ୀ ଠାକୁରାଣୀ।

ହୋମଯଜ୍ଞ କରାଯିବା ପରେ ଦେବୀଙ୍କୁ ମହାପୂଜା ଦିଆଯାଇଥିଲା। ମୁଖ୍ୟ

### ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ପୁରୋହିତ ପଣ୍ଡିତ ସନାତନ ରଥ, ସେବାୟତ (ଜାନି) ଆଦିତ୍ୟ ପାତ୍ର, ଲିଙ୍ଗରାଜ ପାତ୍ର, ଶମ୍ଭୁନାଥ ପାତ୍ର, ସୋମନାଥ ପାତ୍ର, ପ୍ରଫୁଲ୍ଲ ପାତ୍ର, ତାରିଣୀ ପାତ୍ର ପ୍ରମୁଖ ଅସ୍ଥାୟୀ ଯାତ୍ରାପୀଠରେ ଉପସ୍ଥିତ ରହି ମା'ଙ୍କୁ ପାରମ୍ପରିକ ରୀତି ନୀତି ଅନୁଯାୟୀ ଦୀର୍ଘସମୟ ସେବା ପୂଜା ବନ୍ଦାପନା କରିବା ପରେ ମୁଖ୍ୟଘଟରୁ ଆଜ୍ଞା ମାଳ ଖସିଥିଲା। ପରେ ମୁଖ୍ୟଘଟରେ ମା'ଙ୍କୁ ପ୍ରସନ୍ନ କରାଯାଇ ମୂଳ ମନ୍ଦିର ପୀଠକୁ ଯିବା ଲାଗି ଘଟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମୁଖ୍ୟଘଟକୁ ସମ୍ମୁଖ ଭାଗରେ ରଖାଯିବା ପରେ ଆତସବାଜି ରୋଶଣି, ନୃତ୍ୟ ଗୀତ, ବାଦ୍ୟ ବାଜଣାର ତାଳେ ତାଳେ ମା' ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ ଝୁଲି ଝୁଲି ଅସ୍ଥାୟୀ ଯାତ୍ରାପୀଠରୁ ବାହାରି ବିରାଟ ପଟୁଆରରେ ମୂଳ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେବାୟତ ଜାନି ସମ୍ପ୍ରଦାୟ ପକ୍ଷରୁ ପୀଠକୁ ଶୋଧନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା' ଘଟ ତ୍ୟାଗକରି ସ୍ୱପୀଠକୁ ଗମନ କରିଥିଲେ। ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମା'ଙ୍କ ବାହୁଡ଼ା ଯାତ୍ରାରେ ସାମିଲ ହୋଇ ଫଗୁ ଖେଳି ବର୍ଷକ ପାଇଁ ମା'ଙ୍କୁ ମେଲାଣି ଦେଇଥିଲେ। ଯାତ୍ରାର ଶେଷ ଦିବସରେ ପୁରୁଷୋତ୍ତମପୁର ବ୍ଲକ ଅଢେଇ ବରଗାଁର 'ସତୀ ଲୁହରେ ଜଳୁଛି ଲଙ୍କା' ଏବଂ ହିଞ୍ଜିଳି ବ୍ଲକର ସିକିରି ଗ୍ରାମର ପୌରାଣିକ 'ରାମାୟଣ' ଥିଏଟର ଅନୁଷ୍ଠାନ ମଧ୍ୟରେ ପ୍ରତିଯୋଗିତାମୂଳକ ନାଟକ ମଞ୍ଚସ୍ଥ ହୋଇଥିଲା। ଥିଏଟର ପରିବେଷଣରେ ସହର ଦୁଲୁକି ଉଠିଥିଲା। ସହର ତଥା ଆଖପାଖ ଗ୍ରାମାଞ୍ଚଳରୁ ଆସିଥିବା ୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଯାତ୍ରା କମିଟି ସଭାପତି ବିକାଶ ପଶୁପାଳକ, କର୍ମକର୍ତ୍ତା ପ୍ରଭାକର ରେଡ୍ଡୀ, ନୀଳମାଧବ ଗୌଡ଼, ଦୀପକ କୁମାର ମିଶ୍ର, ଶିବଶଙ୍କର ଗୌଡ଼, ପ୍ରଦୀପ ପଣ୍ଡା, ଏ. ସୁଶାନ୍ତ, ଆଶିଷ କୁମାର ପଟ୍ଟନାୟକ, ଦୁର୍ଗାପ୍ରସାଦ ମେକାପଙ୍କ ସହ ଯାତ୍ରା ପରିଚାଳନା କମିଟି ସଦସ୍ୟବୃନ୍ଦ ଉପସ୍ଥିତ ରହି ଏହାର ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଗୌରୀ ଆମ୍ବା ଯାତ୍ରା ନେଇ ବୈଠକ

ପୋଲସରା,୮।୧୦(ଡି.ଏନ୍.ଏ.)– ପୋଲସରା ସହରର ପ୍ରସିଦ୍ଧ ମା’ ଗୌରୀ ଆମ୍ବା ଯାତ୍ରାକୁ ନେଇ ରତନେଇ ଠାକୁରାଣୀ ମନ୍ଦିରରେ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଯାତ୍ରା କମିଟି ସଭାପତି ସୂର୍ଯ୍ୟନାରାୟଣ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାତ୍ରା କମିଟି ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସହରର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ନିମନ୍ତେ ଶ୍ରମମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲସରା ସହରରେ ପ୍ରସିଦ୍ଧ ଗୌରୀ ଆମ୍ବା ଯାତ୍ରା ଆସନ୍ତା ୧୪ ତାରିଖରେ ଆରମ୍ଭ ହୋଇ ନଭେମ୍ବର ୧୨ ତାରିଖରେ ଶେଷ ହେବ ଏବଂ ୧୩ ତାରିଖରେ ବିସର୍ଜନ ହେବ। ପୋଲସରାର ଐତିହ୍ୟକୁ ନେଇ ପ୍ରସିଦ୍ଧ ଗୌରୀ ଆମ୍ବା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯାତ୍ରା କମିଟିର ସମ୍ପାଦକ ଜ୍ୟୋତିର୍ମୟ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରତାପ ପତି, ଏନ୍ଏସି ଅଧ୍ୟକ୍ଷା ସଙ୍ଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଏନ୍ଏସିର ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ଅଗ୍ନିଶମ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ ବିଭାଗ, ଗଣମାଧ୍ୟମ ପ୍ରତିନିଧି ଓ ଏନ୍ଏସି ପ୍ରଶାସନ ସମେତ ଯାତ୍ରା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ଲୋକନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୩ ପ୍ରସ୍ତୁତି ବୈଠକ

ଆର.ଉଦୟଗିରି,୮।୧୦(ଡି.ଏନ୍.ଏ.)– ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଜାତୀୟ ପଞ୍ଚାୟତ ପୁରସ୍କାର –୨୦୨୩ ଆର୍ଥିକବର୍ଷ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର.ଉଦୟଗିରି ପଞ୍ଚାୟତ ସମିତି ସଭାବନା ଗୃହରେ ଶୁକ୍ରବାର ଜିଲା ଅଧିକାରୀଙ୍କ ଉପସ୍ଥିତିରେ ଏନେଇ ସବିଶେଷ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ପୁରସ୍କାର ବ୍ୟବସ୍ଥାରେ ୯ଟି ପାରାମିଟର ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ୧୧୩ ଗୋଟିଏ ପ୍ରଶ୍ନାବଳୀ ଅନ୍ତର୍ଭୁକ୍ତ। ବିଶେଷକରି ୨୦୨୧–୨୨ ଆର୍ଥିକ ବର୍ଷରେ ବ୍ଲକରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଉନ୍ନୟନ ଭଳି ସମସ୍ତ ବିଭାଗ ହାସଲ କରିଥିବା ସଫଳତାକୁ ଏଥିରେ ଶ୍ରେୟ ଦିଆଯିବ। ସ୍ଥାନୀୟ ମେଡିକାଲ ଇନଚାର୍ଜ ଡାକ୍ତରାଣୀ ସମନ୍ୱିତ ଶିଶୁବିକାଶ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର, ନୂଆଗଡ଼ ଓ ଆର.ଉଦୟଗିରି ବ୍ଲକର ପଞ୍ଚାୟତ ପିଇଓ ଯୋଗଦେଇଥିଲେ। ଆସନ୍ତା ୧୦ ତାରିଖ ସୁଦ୍ଧା ବ୍ଲକସ୍ତରରେ ସମସ୍ତ ବିବରଣୀ ପ୍ରସ୍ତୁତ କରାଯିବା ନେଇ ପ୍ରୋଗ୍ରାମ ଅଫିସରମାନେ କାଗଜପତ୍ର ଯାଞ୍ଚ କରିଥିଲେ।

# ପୂର୍ବତନ ସଭାପତି ବୀରେନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକ ହେବେ

**ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ**

ଭଞ୍ଜନଗର,୮।୧୦(ଡି.ଏନ୍.ଏ)

ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଓ ସଭାପତି ନିର୍ବାଚନ ପ୍ରକ୍ରିୟା ଚାଲିଛି। ଶନିବାର ୧୫ ନିର୍ଦ୍ଦେଶକ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସେଥିମଧ୍ୟରୁ ଜଗନ୍ନାଥପ୍ରସାଦ ବ୍ଲକ ଜୋନ୍ ୧୧ରୁ ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ଜଣେ ମାତ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୋମବାର ପ୍ରାର୍ଥୀପତ୍ର ଯାଞ୍ଚ ହେବ। ବୀରେନ୍ଦ୍ରଙ୍କ ପ୍ରାର୍ଥୀପତ୍ର କାଏମ ରହିଲେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ସେହିପରି ସୋରଡ଼ା ବ୍ଲକ ଜୋନ୍ ୭ରୁ ବସନ୍ତ କୁମାର ସ୍ୱାଇଁ, ଶେରଗଡ଼ ବ୍ଲକରୁ ଜ୍ୟୋତ୍ସ୍ନା କୁମାରୀ ଗୌଡ଼, କୋଦଳା ଜୋନ୍ ୧୪ରୁ ହୃଷୀକେଶ ମେହେନା ଏବଂ ଜଗନ୍ନାଥପ୍ରସାଦ ବ୍ଲକ ଜୋନ ୧୦ରୁ ଜ୍ୟୋତିପ୍ରଭା ବାରିକ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସମ୍ଭାବନା ରହିଛି। ଉକ୍ତ ଜୋନ୍‌ଗୁଡ଼ିକରେ ଶନିବାର ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବଳକା ୧୦ଟି ଜୋନ୍ ପାଇଁ ଏକାଧିକ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୧୫ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଭଞ୍ଜନଗର ବ୍ଲକ ଜୋନ୍ ୮ରେ କେଳା ନାୟକ ଓ ବିପ୍ର ସେଠୀ ନିର୍ଦ୍ଦେଶକ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାକୁ ଥିବା ପ୍ରାର୍ଥୀମାନେ ଶାସକ ବିଜେଡିର। ଆଗକୁ ଆଉ କେତେକ ଜୋନ୍‌ରେ ମଧ୍ୟ ଦଳ ସମର୍ଥିତ ନିର୍ଦ୍ଦେଶକ ପ୍ରାର୍ଥୀ ଯେଭଳି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ, ସେ ନେଇ ରଣନୀତି ପ୍ରସ୍ତୁତ ହେଉଛି। ଆସନ୍ତା ୩୦ ତାରିଖରେ ନିର୍ଦ୍ଦେଶକ ନିର୍ବାଚନ ସରିବା ପରେ ନଭେମ୍ବର ୧୬ରେ ସଭାପତି ନିର୍ବାଚନ ହେବ। ପୂର୍ବତନ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ପୁଣି ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ସମ୍ଭାବନା ରହିଛି। ଏଥିପାଇଁ ତାଙ୍କ ସମର୍ଥକମାନେ ଲବି ଆରମ୍ଭ କରିଦେଇଛନ୍ତି। ବୀରେନ୍ଦ୍ର ହେଉଛନ୍ତି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସାନଭାଇ। ସେ ପ୍ରାର୍ଥୀପତ୍ର ଦାଖଲ କରିବା ପୂର୍ବରୁ ଭଞ୍ଜନଗରରୁ ଏକ ଶୋଭାଯାତ୍ରାରେ ବାହାରି ଆସିକାରେ ପହଞ୍ଚି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଭଞ୍ଜନଗର ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ବରିଷ୍ଠ ବିଜେଡି ସଙ୍ଗଠକ ବିଷ୍ଣୁ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ ଓ ମୁନା ରଣା ପ୍ରମୁଖ ଉପସ୍ଥିତ ଥିଲେ।


ବୀରେନ୍ଦ୍ର କେଶରୀ ଆରୁଖ ପ୍ରାର୍ଥୀପତ୍ର ଦାଖଲ ପାଇଁ ଯାଉଛନ୍ତି।

### ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ନିର୍ବାଚନ

# ୧୫ ଜୋନ ଲାଗି ୪୩ ନାମାଙ୍କନ

**୭ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ**

ଆସିକା,୮।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାର ଅର୍ଦ୍ଧାଧିକ ଅଞ୍ଚଳର କାର୍ଯ୍ୟକାରୀ ପରିସୀମାରେ ରହିଥିବା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦ ଲାଗି ନିର୍ବାଚନ ନିମନ୍ତେ ଶୁକ୍ରବାର ଓ ଶନିବାର ନାମାଙ୍କନ ଦାଖଲ ହୋଇଥିଲା । ଶନିବାର ଶେଷ ସମୟ ସୁଦ୍ଧା ଏହି ବ୍ୟାଙ୍କର ୧୫ଟି ଜୋନ ନିମନ୍ତେ ମୋଟ ୪୩ଟି ନାମାଙ୍କନ ଦାଖଲ ହୋଇଛି । ସେଥିମଧ୍ୟରୁ ୩, ୭, ୧୦ ଓ ୧୪ ନମ୍ବର ଜୋନରେ ପ୍ରାର୍ଥୀଙ୍କ ଏକକ ନାମାଙ୍କନ ପତ୍ର ଦାଖଲ ହୋଇଥିଲା ବେଳେ ୧୧ ଓ ୧୩ ନମ୍ବର ଜୋନରେ ଜଣେ ଲେଖାଏ ପ୍ରାର୍ଥୀ ୨ ସେଟ ନାମାଙ୍କନ ଦାଖଲ କରିଥିବା ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରକାଶ କରିଛନ୍ତି।

ଆସିକା, ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ବୁଗୁଡା, ପୋଲସରା, କୋଦଳା, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ଧରାକୋଟ, ସୋରଡା, ଶେରଗଡ, ପାଟପୁର, ସାନଖେମୁଣ୍ଡି ଆଦି ବ୍ଲକରେ ରହିଥିବା ୨୧୭ଟି ପ୍ରାଥମିକ ସେବା ସମବାୟ ସମିତିର ସଭାପତି ପରିଚାଳନା ପରିଷଦ ଲାଗି ପ୍ରାର୍ଥୀ ଚୟନ କରିବେ । ସେହିପରି ଆସିକାସ୍ଥିତ ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତିରେ ପରିଚାଳନା ପରିଷଦ ଲାଗି ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ସୀମା ମଧ୍ୟରେ ସମୁଦାୟ ୧୫ଟି ଜୋନରୁ ୧୧ଟି ଜୋନରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲା ବେଳେ ଏହି ସମିତିର ୧, ୨, ୩ ଓ ୧୩ ନମ୍ବର ଜୋନ ଲାଗି ୨ଜଣ ଲେଖାଏ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ଆସିକା, ଧରାକୋଟ, ଶେରଗଡ, ସୋରଡା, ସାନଖେମୁଣ୍ଡି, ପୋଲସରା ଓ କବିସୂର୍ଯ୍ୟନଗର ବ୍ଲକର ଥିବା ୯୧ଟି ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଏହି ପ୍ରତିନିଧି ନିର୍ବାଚିତ କରିବେ ବୋଲି ଜଣାପଡିଛି।

# ଖଟିଆରେ ବୁହା ହେଲେ ଗର୍ଭବତୀ


ଗର୍ଭବତୀଙ୍କୁ ଖଟିଆରେ ବୋହି ନିଆଯାଉଛି ।

ଆର.ଉଦୟଗିରି, ୮।୧୦(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ପିଲିକା ଗାଁକୁ ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଆସିପାରୁନି। ଯାହାଫଳରେ ରୋଗୀ, ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। ଶନିବାର ସକାଳେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗାଁର ସୁକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ପ୍ରମିଳାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିପାରିଲାନି। ଆଶା କର୍ମୀ ଗ୍ରାମବାସୀଙ୍କ ସହାୟତାରେ ପ୍ରମିଳାଙ୍କୁ ପିଲିକା ଗାଁରୁ ପୁଇପାଣି ଛକ ଯାଏଁ ୫ କି. ମି ଘାଟି ରାସ୍ତାରେ ଖଟିଆରେ ବୋହି ନେଇଥିଲେ। ସେଠାରୁ ଏକ ଗାଡି ଭଡା କରି ବିରିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରମିଳାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ନେଇଛି। ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି।

# ଅତିରିକ୍ତ ଜିଲାପାଳଙ୍କ ଭୂସ୍ଖଳନ ଅଞ୍ଚଳ, ଅସ୍ଥାୟୀ କ୍ୟାମ୍ପ ପରିଦର୍ଶନ


ଅତିରିକ୍ତ ଜିଲାପାଳ ଭୂସ୍ଖଳନ ଅଞ୍ଚଳ ବୁଲି ଦେଖୁଛନ୍ତି।

ଦାରିଙ୍ଗବାଡ଼ି,୮।୧୦(ଡି.ଏନ.ଏ)

କନ୍ଧମାଳର ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଶନିବାର ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରିପଦର ଗ୍ରାମ ନିକଟରେ ହୋଇଥିବା ଭୂସ୍ଖଳନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଅଶୋକ ଦାସ ଏବଂ ଜିଲାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ ତାମାଙ୍ଗି ବିଦ୍ୟାଳୟରେ ରହିଥିବା କୁମ୍ଭରିପଦର ଗ୍ରାମର ୪୦୦ଲୋକଙ୍କୁ ଭେଟିବା ସହ ସେମାନଙ୍କୁ ଦିଆଯାଉଥିବା ରନ୍ଧା ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ପଚାରି ବୁଝିଥିଲେ। ଏଥିସହ ଭୂସ୍ଖଳନ ହୋଇଥିବା ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନା ଯୋଗ୍ୟ, ଗତ ମାସରେ ହୋଇଥିବା ଲଘୁଚାପ ବର୍ଷାରେ ଗାଁ ପାଖ ପାହାଡ଼ରେ ବଡ଼ ବଡ଼ ଫାଟ ସୃଷ୍ଟି ହେବା ସହ ମାଟି ଅତଡା ଖସିବାରେ ଲାଗିଥିଲା। ପାହାଡ଼ ତଳେ ଗାଁ ରହିଥିବାରୁ ଲୋକଙ୍କ ପାଇଁ ବିପଦ ରହିଥିଲା, ଏଣୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ନଜରରେ ରଖି ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ତାମାଙ୍ଗି ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଆଶ୍ରୟ ଦେଇଛି।

## ବ୍ଲକସ୍ତରୀୟ କିଷାନ ଚିନ୍ତନ ଶିବିର

ହିଞ୍ଜିଳିକାଟୁ,୮।୧୦(ଡି.ଏନ୍.ଏ)

ହିଞ୍ଜିଳିକାଟୁ ବ୍ଲକ ଗଣ୍ଡଳାଠାରେ ଶନିବାର କିଷାନ କଂଗ୍ରେସ ପକ୍ଷରୁ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଏହି ଚିନ୍ତନ ଶିବିରରେ ଜିଲା ସଂଯୋଜକ ଶ୍ରଶମ ସୁନ୍ଦର ଦୋରା, ଜିଲା କଂଗ୍ରେସ ଉପ ସଭାପତି ମହେଶ୍ୱର ପାତ୍ର, ଯୁବ କଂଗ୍ରେସ ଆଶିଷ ପାଢ଼ି, ଅଭିର ଭୂୟାଁ, ଦଣ୍ଡପାଣି ପାତ୍ର, ବସନ୍ତ ପଟ୍ଟନାୟକ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷକ ବିରୋଧୀ ନୀତି ଓ ପଦକ୍ଷେପ ସମ୍ପର୍କରେ ନେତାମାନେ ବିଷୋଦଗାର କରିଥିଲେ। ଦଳର ସାଙ୍ଗଠନିକ ଦକ୍ଷତାକୁ ବୃଦ୍ଧି ପାଇଁ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ସ୍ଥାନରୁ କର୍ମୀ ଯୋଗ ଦେଇଥିଲେ।

## ଜମାଲଉଦ୍ଦିନ ବାବାଙ୍କ ଉର୍ସ ଉଦ୍‌ଯାପିତ

ସୋରଡ଼ା,୮।୧୦(ଡି.ଏନ୍.ଏ.)

ସୋରଡ଼ାରେ ମୁସଲମାନ ସମ୍ପ୍ରଦାୟ ତରଫରୁ ଆୟୋଜିତ ୩ ଦିନିଆ ଜମାଲଉଦ୍ଦିନ ବାବାଙ୍କ ଉର୍ସ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଉର୍ସ ଶୁଭାରମ୍ଭ ଦିନରେ ସାମୂହିକ ନମାଜ ପାଠ ସହ ମସ୍‌ଜିଦ୍‌କୁ ସୁନ୍ଦର ଆଲୋକ ମାଳରେ ସଜା ଯାଇଥିଲା। ସମସ୍ତ ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପରିଧାନ ସହ ପରସ୍ପରକୁ ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଦରଘାଠାରୁ ସମସ୍ତେ ଝଣ୍ଡା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବିଶ୍ୱଶାନ୍ତି ପ୍ରାର୍ଥନା କରାଯାଇଥିଲା। ପ୍ରତିବର୍ଷ ଚନ୍ଦ୍ର ଗଣନାକୁ ଆଧାର କରି ପାଳନ ହେଉଥିବା ଏହି ଯାତ୍ରା କୋଭିଡ୍ କଟକଣା ପାଇଁ ବନ୍ଦ ଥିଲା।

# ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଲୁଟ ଅଭିଯୋଗ

ବୁଗୁଡ଼ା,୮।୧୦(ଡି.ଏନ.ଏ)

ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ନିକଟସ୍ଥ ବାଘୁଆଠାରେ ଶନିବାର ଜନୈକ ଫାଇନାନ୍ସ କର୍ମଚାରୀଙ୍କୁ ମାଡ ମାରି ତାଙ୍କନିକଟରୁ ୭୦ ହଜାର ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଅଞ୍ଚଳର ଆରବିଏଲ ଫାଇନାନ୍ସ କମ୍ପାନୀ କର୍ମଚାରୀ ରାଜେଶ ମହାପାତ୍ର ଗ୍ରୁପ ଲୋନ ସଂଗ୍ରହ କରିବା ପାଇଁ ବାଇକରେ ବୁଗୁଡ଼ା ଅଞ୍ଚଳକୁ ଆସିଥିଲେ। ବୁଗୁଡା ଥାନା ଅଞ୍ଚଳର ବାଘୁଆଠାରେ ପହଞ୍ଚିବା ବେଳକୁ ପୂର୍ବ ପ୍ରସ୍ତୁତି ଅନୁସାରେ ୪ ଅଜଣା ଯୁବକ ତାଙ୍କୁ ଅଟକାଇ ମାଡ ମାରିବା ସହ ତାଙ୍କଠାରୁ ୭୦ ହଜାର ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଫାଇନାନ୍ସ କର୍ମଚାରୀ ଜଣକ ବୁଗୁଡ଼ା ଥାନାରେ ଖବର ଦେଇଥିଲେ। ଆଇଆଇସି ଚିତ୍ତ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ପହଞ୍ଚି ଘଟଣାର ଛାନଭିନ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଜଳଯୋଗାଣ ବିଳମ୍ବ ନେଇ ଗାଁବାସୀଙ୍କ ବିକ୍ଷୋଭ

ଭଞ୍ଜନଗର,୮।୧୦(ଡି.ଏନ.ଏ)

ଜଗନ୍ନାଥପ୍ରସାଦ ବ୍ଲକ ପାଟରାପଲ୍ଲୀ ଓ ଅରଖପଲ୍ଲୀ ଗ୍ରାମକୁ ଶନିବାର ପାଇପ ଜଳଯୋଗାଣ ବନ୍ଦ ହୋଇଯାଇଥିଲା। ପାଣି ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ଉଦ୍ଦେଶ୍ୟ ମୂଳକ ଭାବେ ଏହିଭଳି କାମ କରିଥିବା ଅଭିଯୋଗ କରି ଉତ୍ୟକ୍ତ ଗ୍ରାମବାସୀ ଗ୍ରାମ ଦାଣ୍ଡରେ ହାଣ୍ଡି ମାଠିଆ ଧରି ବିକ୍ଷୋଭ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଦଶହରା ଚାନ୍ଦା ନ ଦେବାରୁ କର୍ମଚାରୀ ଜଣଙ୍କ ଆଜି ଜଳଯୋଗାଣ ବନ୍ଦ କରି ଦେଇଥିଲେ। ଏହାପରେ ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗର ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ଜଳଯୋଗାଣ ସ୍ୱାଭାବିକ ହୋଇଥିଲା। ଏ ନେଇ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ କର୍ମଚାରୀ ଜଣଙ୍କ କିଛି ବ୍ୟକ୍ତିଗତ କାମରେ ଥିବାରୁ ଆଜି ପାଣି ଯୋଗାଣ ସମୟରେ ସାମାନ୍ୟ ବିଳମ୍ବ ହୋଇଥିଲା। ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଦଶହରା ଚାନ୍ଦା ମାଗିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

# ଲୋକଙ୍କୁ ମୌଳିକ ସୁବିଧା ମିଳୁ: ବିଧାୟକ


ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ କର୍ମୀ।

ଗୋପାଳପୁର,୮।୧୦(ଡି.ଏନ.ଏ.)

ରାଜ୍ୟ ରାଜନୀତିରେ ଗତ କିଛି ଦିନ ହେଲା ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହଟଚମଟ ଜାରି ରହିଛି। କିଛି ମାସ ବ୍ୟବଧାନର ନିରବତା ପରେ ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ନିଜ ନିର୍ବାଚନ ମଣ୍ଡଳୀ ଘନ ଘନ ଗସ୍ତ କରି ଲୋକଙ୍କ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଗୋଟିଏ ପଟେ ବିଜେଡି ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାଶ ଜନସମ୍ପର୍କ ପଦଯାତ୍ରାର ମଙ୍ଗ ଧରିଥିବା ବେଳେ ବିଧାୟକ ପାଣିଗ୍ରାହୀ ଅନୁରୂପ ପରି ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ଶନିବାର ରଙ୍ଗେଇଲୁଣ୍ଡା ବ୍ଲକ ଅଧିନ ଚିକରଡା ଗ୍ରାମରେ ଝିପି ଝିପି ବର୍ଷାରେ ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଯୋଗ ଦେଇଥିଲେ। ଗ୍ରାମବାସୀ ବିଧାୟକଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମରେ ବୁଲିଲା ବେଳେ ଲୋକମାନେ ଘର ଓ ରାସ୍ତା ନାହିଁ ବୋଲି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କହିଥିଲେ ବର୍ତ୍ତମାନ ସମୟ ଆସିଛି ଓଡ଼ିଆ ଜନସାଧାରଣ ସଚେତନ ହୋଇ ରାଜନୈତିକ ବ୍ୟବସ୍ଥା ଭିତରେ ରହି ଲୋକଙ୍କୁ ମୌଳିକ ସୁବିଧା ଦିଆଯାଉ। ବାହାର ଜିଲାରେ ଏୟାରପୋର୍ଟ ହେଉଛି ଗଞ୍ଜାମ ଜିଲାରେ ଫୁଲ ଏୟାରପୋର୍ଟ ହେଉ ନାହିଁ କାହିଁକି ଓ ଭଲ ଷ୍ଟାଡିୟମ ନାହିଁ, ୧୦୦ କୋଟି ଟଙ୍କାର ଷ୍ଟାଡିୟମ ସରକାର ଘୋଷଣା କରିବେ କି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଖାଲିରେ ବାହାସ୍ଫୋଟ ମାରନ୍ତୁ ନାହିଁ ବୋଲି ଗଣମାଧ୍ୟମକୁ କହିଥିଲେ। ଏହି ଅବସରରେ ଯୁବନେତା ବାଲିୟରାମ ଦଳେଇ, ପ୍ରତାପ ମିଶ୍ର, କେ ଅନିଲ, ଧନଞ୍ଜୟ ରାଓ, ଅସିତ ଶତପଥୀ, ଡି କୁନା, ତ୍ରିନାଥ କର, ଚୁନା ବିଷୋୟ, କେ ଶଙ୍କର, ସଂଗ୍ରାମ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସଚେତନ ହେଲେ ବନ୍ୟପ୍ରାଣୀ ଶିକାର କମିବ

ଭଞ୍ଜନଗର,୮।୧୦(ଡି.ଏନ.ଏ)

ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଶନିବାର ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା କହିଛନ୍ତି, ଜନସଂଖ୍ୟା ବୃଦ୍ଧି ଯୋଗୁ ଜଙ୍ଗଲ ଉପରେ ଲୋକଙ୍କ ଆବଶ୍ୟକତା ବଢ଼ିଯାଉଛି । ଅବାଧରେ ଲୋକେ ଜଙ୍ଗଲରେ ଘୁରି ବୁଲୁଛନ୍ତି। ସେପଟେ ବିଭିନ୍ନ ସମୟରେ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଗ୍ରାମ ଅଭିମୁଖେ ଆସି ବିପଦରେ ପଡୁଛନ୍ତି । ହାତୀ, ବାର୍ହା ମଧ୍ୟ ଜଙ୍ଗଲ ଖାଦ୍ୟ ଅପେକ୍ଷା ଧାନ, ପନିପରିବା ଫସଲକୁ ପସନ୍ଦ କରୁଛନ୍ତି । ଜନସଂଖ୍ୟା ବୃଦ୍ଧି ପାଇଁ ଆଜି ବନ୍ୟପ୍ରାଣୀ ବିପଦରେ। ଲୋକେ ସଚେତନ ହେଲେ ଯାଇ ବନ୍ୟପ୍ରାଣୀ ଶିକାର କମିବ । ବନ୍ୟପ୍ରାଣୀ ସୁରକ୍ଷାରେ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବନ ସୁରକ୍ଷା ସମିତି କର୍ମକର୍ତାଙ୍କ ସହ ସମନ୍ୱୟ ରକ୍ଷା କରି ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା କରିବାକୁ ପଡ଼ିବ। ପୂର୍ବ ଅପେକ୍ଷା କାଠଚୋରି କମିଛି । ରନ୍ଧନ ଗ୍ୟାସ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଲୋକେ ଆଉ ଜାଳେଣି କାଠ ପାଇଁ ଜଙ୍ଗଲ ଉପରେ ବିଶେଷ ନିର୍ଭରଶୀଳ ହେଉନାହାନ୍ତି। ଆଗାମୀ ଦିନରେ ଭିଏସ୍ଏସ୍ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ବନଖଣ୍ଡ ଅଧିକାରୀ ବେହେରା କହିଛନ୍ତି । ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲିପ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ। ଏଥିପାଇଁ ବିଭାଗୀୟ କର୍ମଚାରୀମାନେ ଯତ୍ନବାନ ହେବାକୁ ପଡ଼ିବ। ଅନ୍ୟାମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ମୁଖ୍ୟ କିରାଣୀ ଅଶୋକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାନ୍ତନୁ କୁମାର ସାହୁ ସଭାକୁ ସଂଯୋଜନା କରିଥିବା ବେଳେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।


ବୈଠକରେ ଉପସ୍ଥିତ ଭିଏସ୍ଏସ୍ କର୍ମକର୍ତ୍ତା ।